# ଭକ୍ତିର ମହକରେ ମହକିତ ତୁଳସୀକ୍ଷେତ୍ର





**କେନ୍ଦ୍ରାପଡ଼ା, ୧୨।୧(ସମିସ)**

ଭକ୍ତିର ମହକରେ ତୁଳସୀକ୍ଷେତ୍ର ମହକିତ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ କେନ୍ଦ୍ରାପଡ଼ାବାସୀ ଅକ୍ଷତ (ଅରୁଆ ଚାଉଳ) ଓ ଗୁଆ ସମର୍ପି ଦେଉଛନ୍ତି। ଶ୍ରଦ୍ଧାର ସହ 'ଅର୍ପଣ ରଥ'କୁ ସ୍ୱାଗତ କରିବା ପାଇଁ ଗାଁ ଦାଣ୍ଡକୁ ମୁରୁଜ ଓ ଚିତା ପକାଇ ସଜାଇ ରଖିଛନ୍ତି। ହରିବୋଲ, ହୁଳହୁଳି ସାଙ୍ଗକୁ ସଂକୀର୍ତନ, ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନି, ଜୟ ଜଗନ୍ନାଥ ଶବ୍ଦରେ ସମଗ୍ର ଜିଲ୍ଲାରେ ଏକ ଭାବ ଭକ୍ତିର ପରିବେଶ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକର କେଶପୁର, କୋରୋ, ଚାରିଗାଁ, କୁତରଙ୍ଗା, ଜମଧର, ଶ୍ୟାମସୁନ୍ଦରପୁର, ପୁରୁଷୋତମପୁର ଆଦି ଗ୍ରାମ ପଞ୍ଚାୟତରେ 'ଅର୍ପଣ ରଥ' ଆଜି ଭ୍ରମଣ କରିଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ବାଲିପାଟଣା, ଡାମରପୁର, ବଡମୋହନପୁର ଗ୍ରାମ ପଞ୍ଚାୟତରେ 'ଅର୍ପଣ ରଥ' ଗଡ଼ିଛି। ଆଜି ରାଜକନିକା ବ୍ଲକର ଅବଦଲପୁର, ନହୁଣି, ବଳରାମପୁର, ପି.ହାବେଳିଗଣ୍ଡ, ସିକୋ, ଚରପଡ଼ା, ନମତରା, ଭାରିଗଦା, ଜାଗୁଳେଇପଡ଼ା, କଣ୍ଟପଡ଼ା, ଆଖୁଳିପଡ଼ା, ତ୍ରୈଲୋକ୍ୟପୁର ଗ୍ରାମ ପଞ୍ଚାୟତରେ 'ଅର୍ପଣ ରଥ' ପହଞ୍ଚିଥିଲା। ସେହିପରି ଆଳି ବ୍ଲକର ଏରଡଙ୍ଗା, ଦଶିପୁର, ଏକମାଣିଆ, କଳସପୁର, ଅରଗଳ, ମହୁ ଗ୍ରାମ ପଞ୍ଚାୟତ ଭ୍ରମଣ କରିସାରିଛି 'ଅର୍ପଣ ରଥ।' ଡେରାବିଶ ବ୍ଲକର ବାଲିଆ, ମୁକୁନ୍ଦପୁର, ଲକ୍ଷ୍ମୀନାରାୟଣପୁର, ଦାନପୁର, କଉପଦା ଆଦି ଗ୍ରାମ ପଞ୍ଚାୟତ ଭ୍ରମଣ କରିସାରିଛି 'ଅର୍ପଣ ରଥ।' ସେହିପରି କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ୮ ଓ ୧୩ ନମ୍ବର ୱାର୍ଡରେ ଆଜି ଭ୍ରମଣ କରିଛି 'ଅର୍ପଣ ରଥ।' ସୂଚନାଯୋଗ୍ୟ ଯେ, ସଂଗ୍ରହ କରାଯାଇଥିବା ଅକ୍ଷତ ଓ ଗୁଆ ଏକ ସ୍ୱତନ୍ତ୍ର ଗାଡି ଯୋଗେ ଶ୍ରୀକ୍ଷେତ୍ର ପୁରୀକୁ ନିଆଯିବ। ଚଳିତ ମାସ ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ପୂର୍ବରୁ ଏହି ଅକ୍ଷତ ଓ ଗୁଆ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ କରାଯିବ।

**ଓଳାଭର:** ରାଜକନିକା ବ୍ଲକର ବଳରାମପୁର ପଞ୍ଚାୟତରେ ସୁବାସଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଲକ୍ଷ୍ମୀନାରାୟଣ ମନ୍ଦିରରୁ ପରିକ୍ରମା ରଥ ବାହାରି ସାତଘରିଆ, ବଳରାମପୁର, ଗୋବିନ୍ଦପୁର, ଇଛାପୁରଓଳାଭରମାର୍କେଟପରିକ୍ରମା କରିଛି। ପ୍ରତିଘରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆଚାଉଳ, ଗୁଆ ସଂଗ୍ରହ କରାଯାଇଛି। ପ୍ରତି ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଜଗନ୍ନାଥ ରଥକୁ ଗ୍ରାମ ପରିକ୍ରମା କରାଯାଇ ଏସବୁ ସଂଗ୍ରହ କରାଯାଇଥିଲା। ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ବେହୁରା ଏହାକୁ ଉଦଘାଟନ କରିଥିଲେ। ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ସୁବଳ ଚନ୍ଦ୍ର ସାହୁ, ନରେନ୍ଦ୍ର ସାମଲ, କୈଳାସଚନ୍ଦ୍ର ଦାସ, ସୁବାସ ସାହୁ, ଧନଞ୍ଜୟ ବେହେରା, ଉଦୟ ବେହୁରା, ଡମ୍ବୁରୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ତା' ସହ ବଳରାମପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ହିନ୍ଦୁଳିଆ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ଗାଁ ଗାଁ ରେ ଗ୍ରାମବାସୀ ସ୍ୱାଗତ ଜଣାଇଛନ୍ତି। ହିନ୍ଦୁଳିଆ ସରପଞ୍ଚ ମନୋଜ କୁମାର ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟାଲକ୍ଷ୍ମୀ ପ୍ରଧାନ, ଜିଆରଏସ ପୂଜାରାଣୀ ପ୍ରତିହାରୀ, ଏମବିକେ ସରୋଜିନୀ ସ୍ୱାଇଁ, ମିତାରାଣୀ ପାଗଳଙ୍କ ସମେତ ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସାମିଲ ହୋଇଥିଲେ।




# ରାଜମାତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

**ଓଳାଭର, ୧୨।୧(ସମିସ):** ଆଳି ରାଜମାତା ତଥା ପ୍ରାକ୍ତନ ବିଧାୟକ, ସାଂସଦ ସୁଶ୍ରୀଦେବୀଙ୍କର ପରଲୋକରେ ରାଜକନିକା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଜମାତାଙ୍କୁ ସମ୍ମାନ ଜଣାଣ ଓଳାଭର ବଜାର ଦିନତମାମ ବନ୍ଦ ରହିଥିଲା। ଓଳାଭର ଯୁବକ ସଂଘ ପରିସରରେ ଏକ ଶୋକସଭା କରାଯାଇ ଦିବଙ୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଓଳାଭର ଯୁବକ ସଂଘର ସମ୍ପାଦକ ଶ୍ରୀନିବାସ ଓଝା, ନହୁସ ନାୟକ, ପ୍ରାକ୍ତନ ଶିକ୍ଷାବିତ ସନାତନ ପୃଷ୍ଟି, ଭୀମସେନ ସାମଲ, ଉମେଶ ବେହୁରାଙ୍କ ସହ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିଭଳି ରାଜକନିକା ବ୍ଲକ ସାଂସଦ ପ୍ରତିନିଧି ପବିତ୍ର ରାଉତ, ବ୍ଲକ ଅଧ୍ୟକ୍ଷା ମିନତୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଅଧ୍ୟକ୍ଷା ପ୍ରତିନିଧି ପ୍ରଦୀପ ରାଉତ, ସରପଞ୍ଚ ମଞ୍ଜୁଲତା ରାଉତ ମଧ୍ୟ ରାଜମାତାଙ୍କ ବିୟୋଗରେ ଶୋକ ପ୍ରକଟ କରିଛନ୍ତି। ଦେଉଳତରା ସରପଞ୍ଚ ସଞ୍ଜୟ ପଣ୍ଡା, ବିଶ୍ୱରଞ୍ଜନ ଦାସ, ବିଭୂତି ଭୂଷଣ ଜେନା, ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ବାରିକ୍, ଭବାନୀ ଶଙ୍କର ରାଉତ, ନଳିନୀକାନ୍ତ ପୃଷ୍ଟି ଶୋକବ୍ୟକ୍ତ କରିଛନ୍ତି। ଓଳାଭର ବଜାର ବଣିକ ସଂଘ ପକ୍ଷରୁ ମଧ୍ୟ ଆଜି ବଜାର ବନ୍ଦ କରାଯାଇ ଅମର ଆତ୍ମାର ସଦ୍‌ଗତି କରାଯାଇଛି। ସେହିଭଳି ଓଳାଭର ମହାବିଦ୍ୟାଳୟ ପରିସରରେ ମଧ୍ୟ ରାଜମାତାଙ୍କ ପାଇଁ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ହଳଧର ବେହେରାଙ୍କ ସହିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ, କଲେଜର କର୍ମଚାରୀ ଉପସ୍ଥିତ ରହି ରାଜମାତାଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# 'ସବୁରି ହୃଦୟରେ ଅମର ରହିବେ ରାଜା'



**ରାଜକନିକା, ୧୨।୧(ସମିସ):** ଜୀବନ କେବଳ ସୌଖିନ ଭାବରେ ବଞ୍ଚିବା ପାଇଁ ନୁହେଁ, ଜୀବନର ଲମ୍ବା ସମୟ ବଞ୍ଚି ଯେ ସମସ୍ତଙ୍କ ହୃଦୟ ଜିତି ହୁଏ, ତାହା ବି ନୁହେଁ, ଖୁବ କମ୍ ବୟସରେ ମାତ୍ର ୨୨ବର୍ଷରେ ଏକ ଦୁର୍ଘଟଣାରେ ମୃତ୍ୟୁ ତାଙ୍କୁ ଜନମାନସରୁ ଲିଭାଇ ଦେଇ ପାରିନି। ଏମିତି ଏକ ଭାବପୂର୍ଣ୍ଣ ସ୍ମୃତିଚାରଣରେ ଆଜି ଭିଜି ଯାଇଥିଲା ରାଜକନିକା ଥାନାନ୍ତର୍ଗତ ଓଡ଼ଗିରିଆର ମାଟି। ଗତ ୨ତାରିଖ ଦିନ କଟକ ଚାନ୍ଦବାଲି ରାସ୍ତାର ଶୁକରପଡ଼ା ଠାରେ ଘଟିଥିବା ମନୋରମା ବସ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନଳିନୀକାନ୍ତ ଗାହାଣ (ରାଜା)ଙ୍କର ଆଜି ଏକାଦଶାହ ସ୍ମୃତିରେ ସାରା ଅଞ୍ଚଳ ପୁଣି ଥରେ ଲୁହରେ ଭିଜିଛି। ଆଜି ପୂର୍ବାହ୍ନରେ ଓଡିଗିରିଆର ରାଜାଙ୍କ ବାସଭବନ ସମ୍ମୁଖରେ ପତିତପାବନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋକ ସଭାରେ ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ, ଯୁବନେତା ରଞ୍ଜନ ସେଠି, କୋରନ୍ଦ ପଞ୍ଚାୟତର ନାଏବ ସରପଞ୍ଚ ବିଚିତ୍ର କୁମାର ବାରିକ, ଅବସରପ୍ରାପ୍ତ ଶିକ୍ଷକ ପଦ ଚରଣ ନାଥଙ୍କ ସମେତ ବହୁ ଯୁବକ ଶୋକବ୍ୟକ୍ତ କରିଥିଲେ। ରାଜାଙ୍କ ଅବର୍ତ୍ତମାନରେ ଗୋଡି ମାଟି ଝୁରୁଥିବାରୁ ଏମିତି ଏକ ଦାରୁଣ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ସାଧାରଣରେ ସମବେଦନାର ସୁଅ ଛୁଟିଥିଲା।

## ୧୬ରୁ ଭାଷା ସାହିତ୍ୟ ସୃଜନୀ ପ୍ରତିଯୋଗିତା

**ମାର୍ଶାଘାଇ, ୧୨।୧(ସମିସ):** ଜାନୁଆରୀ ୧୬ରୁ ୨୦ ପର୍ଯ୍ୟନ୍ତ ସବୁ ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା, ସାହିତ୍ୟ, ସୃଜନୀ ପ୍ରତିଯୋଗିତା କରାଯାଇ ବିଦ୍ୟାର୍ଥୀ ମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରାଯିବ। ଏ ନେଇ ମାର୍ଶାଘାଇ ବ୍ଲକ କରିଲୋପାଟଣା ଜୟରାମ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀରେ ପ୍ରସ୍ତୁତି ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ନାରାୟଣ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ରଞ୍ଜନ କୁମାର ସ୍ୱାଇଁ, ପ୍ରସନ୍ନ ପରିଡ଼ା, ଭଗବାନ ସାହୁ, ପିତାମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶତାୟୁ ଗାଁ ମୁରବିଙ୍କ ପରଲୋକରେ ଶୋକ

**ଓଳାଭର, ୧୨।୧(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ଗ୍ରାମର ଶତାୟୁ ମୁରବି ଧ୍ରୁବଚରଣ ରାଉତଙ୍କର ଗତକାଲି ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ



୧୦୨ ବର୍ଷ ହୋଇଥିଲା।ସେ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିବା କାରଣରୁ ଶଯ୍ୟାଶାୟୀ ଥିଲେ। ଗତକାଲି ହଠାତ୍ ତାଙ୍କ ଦେହ ଅସୁସ୍ଥ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମରଶରୀର ନିଜ ପୈତୃକ ଗାଁ କଇଥାପାଳକୁ ଅଣା ଯାଇଥିଲା। ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ରାଉତ ସ୍ଥାନୀୟ ଅଞ୍ଚଳର ଜଣେ ଜଣାଶୁଣା ମୁରବୀ ଥିଲେ। ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତଙ୍କ ସହିତ କୀର୍ତ୍ତନ ନାୟକ, ଚୌଧୁରୀ କରଣ, ଅକ୍ଷୟ ନାୟକ, ପ୍ରଦୀପ ରାଉତ, ଗୋକୁଳାନନ୍ଦ କରଣ, ବୈକୁଣ୍ଠ ଖଟୁଆ, ଚିତ୍ରକଳା ଜେନା, ସର୍ବେଶ୍ୱର ରାଉତ, ବିଜୟ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ହୋଇଥିବାବେଳେ ଏକମାତ୍ର ପୁଅ ଗଜେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଲୋକକଳା ମାଧ୍ୟମରେ ବିକାଶର ବାର୍ତ୍ତା



**କେନ୍ଦ୍ରାପଡ଼ା, ୧୨।୧(ସମିସ):** ଓଡ଼ିଶାର ପାରମ୍ପରିକ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଓ ଉନ୍ନୟନମୂଳକ ଯୋଜନାର ବାର୍ତ୍ତା ବାଣ୍ଟିବେ ଲୋକକଳାକାର। ଏଥି ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହି କର୍ମଶାଳା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକଭାବେ ଆସିଥିବା ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ବ୍ଲକର ବିଏସ୍‌ଏସ୍‌ଓ, ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି, ରାଜ୍ୟସ୍ତରୀୟ ସଂସାଧନ ସଭ୍ୟ ଓ ଜିଲ୍ଲାସ୍ତରୀୟ ସଂସାଧନ ସଭ୍ୟଙ୍କଠାରୁ ମତାମତ ସଂଗ୍ରହ କରିବା ସହ ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମସ୍ତ ୧୫ଟି ଯୋଜନା ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି କାର୍ଯ୍ୟକ୍ରମର ମାର୍ଗଦର୍ଶିକା, କ୍ୟାଲେଣ୍ଡର ପ୍ରସ୍ତୁତି ଓ ଲୋକକଳା ଦଳ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ଏହି ଅଭିଯାନରେ ମୋଟ୍ ୧୫ଟି ଯୋଜନା ସାମିଲ ଅଛି। ଏହା ପରେ ବ୍ଲକସ୍ତରରେ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ହେବ। ଚଳିତମାସ ଶେଷ ସପ୍ତାହରେ ଲୋକକଳାକାରମାନେ ପୂର୍ବ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ପାରମ୍ପରିକ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାର ବାର୍ତ୍ତା ବାଣ୍ଟିବେ।

# ମହିଳା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ରାଜନଗର, ୧୨।୧(ସମିସ):** ରାଜନଗର ବ୍ଲକ ମହିଳା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମହିଳା ଜନତା ଦଳର କର୍ମୀମାନେ ନିର୍ବାଚନରେ ସେମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ବାସନ୍ତୀ ଜେନା, ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ବ୍ଲକ ବିଜୁ ଜନତା ଦଳ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜୁ ଛାତ୍ର ଜନତା ଦଳର ସଭାପତି ମନୋଜ କୁମାର ମଲ୍ଲିକ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ବୀଣାପାଣି ପ୍ରଧାନ, ସମିତିସଭ୍ୟା ସୁମିତ୍ରା ସେଠୀ, ବରିଷ୍ଠ



ନେତ୍ରୀ ସୁଜାତା ନାୟକ, ପ୍ରଣତୀ ପରିଡ଼ା, ମଞ୍ଜୁଲତା ପଢ଼ିହାରୀ, ମଞ୍ଜୁଲତା ବଳ, ଲକ୍ଷ୍ମୀପ୍ରିୟା ଦାସ, ସଂଯୁକ୍ତା ଦାସ, ଉର୍ମୀଳା ସ୍ୱାଇଁ, ମଧୁମିତା ବିଶ୍ୱାଳ, ପ୍ଲାବିନୀ ପ୍ରଧାନ, ମିନତୀ ବିଶ୍ୱାଳ, ଫୁଲରାଣୀ ମାଝି, ଶୁଭସ୍ମିତା ରାଉତ ପ୍ରମୁଖ ମହିଳା ନେତ୍ରୀମାନେ ଆଲୋଚନାରେ ଭାଗ ନେଇଥିଲେ।

# ଓଳାଭର ମହାବିଦ୍ୟାଳୟରେ ମେଗା ରକ୍ତଦାନ ଶିବିର



**ଓଳାଭର, ୧୨।୧(ସମିସ):** ଓଳାଭର ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସରେ 'ନୂଆ-ଓ'ର ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ, ଯୁବ ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍, ଆମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଓଳାଭର ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।

**● ୬୧ ୟୁନିଟ୍ ରକ୍ତ ସଂଗ୍ରହ**

ଏଥିରେ ମୋଟ ୬୧ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଓଳାଭର ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହରା ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଳାଭର ମହାବିଦ୍ୟାଳୟର 'ନୂଆ-ଓ' ତଥା ଯୁବ ରେଡକ୍ରସର ସଂଯୋଜକ ପ୍ରତାପ କୁମାର ବିଶ୍ୱାଳ ଓ ଅନ୍ୟତମ ସଂଯୋଜକ ବସନ୍ତ କୁମାର ସେଠି ଶିବିର ପରିଚାଳନା ସହିତ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ ମହାନତା ସମ୍ପର୍କରେ ଅବଗତ କରାଇଥିଲେ। ଅନୁଷ୍ଠିତ ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ଅନନ୍ତ ସାହୁ, ସଙ୍ଗୀତା ସେଠି, ବସନ୍ତ ସେଠି, ମଧୁସ୍ମିତା ଶୁକ୍ଳା, ଚନ୍ଦନ ପୃଷ୍ଟି, ମନୋଜ ସାହୁ, ବୈଦନାଥ ଆଚାର୍ଯ୍ୟଙ୍କ ସମେତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱପ୍ନଦୀପ ପୃଷ୍ଟି, ପ୍ରିୟ ଦର୍ଶିନି ସାହୁ, ମନୀଷା ପ୍ରତୀକ୍ଷା, ସାସ୍ୱତୀ ଦାସ, ଅରବିନ୍ଦ ମୁଦୁଲି, ଅଭିନାଶ ଜେନା, ସରୋଜ କୁମାର ସାମଲ, ଅନୁପମା ସାହୁ, ପାୟଲ ଶତପଥି ରକ୍ତଦାନ କରିଥିଲେ, ସ୍ଥାନୀୟ ଅଞ୍ଚଳ ର ସସ୍ମିତା ମାହାଲା, ପ୍ରଦୀପ୍ତ ମହାନ୍ତି, ହିମାଂଶୁ ସୁତାର, ବାବୁ ନାୟକ, ସାଗର ଦାସ ପ୍ରମୁଖ ମଧ୍ୟ ରକ୍ତଦାନ କରି ଥିଲେ।

# ରାଜନଗରରେ ବୁଲିଲା ଶିକ୍ଷା ସଚେତନତା ରଥ



**ରାଜନଗର, ୧୨।୧(ସମିସ):** ଆଜି ରାଜନଗର ବ୍ଲକରେ ଶିକ୍ଷା ସଚେତନତା ରଥ ପରିକ୍ରମା କରିଛି। ଶିକ୍ଷା ବିଷୟରେ ପିଲାମାନଙ୍କୁ ସଚେତନ କରିବା, ଡ୍ରପଆଉଟ ସଂଖ୍ୟା କମାଇବା ଓ ଅଭିଭାବକ ଏବଂ ଛାତ୍ର ଛାତ୍ରୀଙ୍କୁ ଉଭୟଙ୍କ ସଚେତନ କରି ଛାତ୍ର ଛାତ୍ରୀମାନେ ଯେପରି ପ୍ରତିଦିନ ବିଦ୍ୟାଳୟକୁ ଆସିବେ ସେ ନେଇ ଏହି ସଚେତନତା ରଥ ପରିକ୍ରମା କରୁଛି। ଆଜି ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏହି ସଚେତନତା ରଥ ବାହାରିଥିଲା। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭକ୍ତିଲତା ବାରିକ, ମୁଖ୍ୟକିରାଣୀ ବିଜୟ କୁମାର ପରିଡ଼ା, ଶଶିଭୂଷଣ ବିଶ୍ୱାଳ, ବିଆରଟି ହେମନ୍ତ କୁମାର ମଲ୍ଲିକ, ରାଜନଗର ଶୈଳେନ୍ଦ୍ର ନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଶିକ୍ଷା ସଚେତନତା ରଥ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ବାରଗାଁ ମାଟିଆମଙ୍ଗଳା ଏନୟୁପିଏସ କ୍ଲଷ୍ଟର, ପଞ୍ଚୁବରାହୀ ବିଦ୍ୟାନିକେତନ କ୍ଲଷ୍ଟର, ଅଷ୍ଟଶମ୍ଭୁ ଏନୟୁପିଏସ କ୍ଲଷ୍ଟର, ସରକାରୀ ଏସଏନୟୁପି କ୍ଲଷ୍ଟର ଅଞ୍ଚଳରେ ପରିକ୍ରମା କରିଛି। ଏହି ଶିକ୍ଷାସଚେତନତା ରଥ ରାଜନଗର ବ୍ଲକର ୧୮ ପଞ୍ଚାୟତରେ ୩ଦିନ ଧରି ବୁଲିବ।

**ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି**

# ୨ୟ ସେମିରେ ବରୀକୁ ହରାଇ ଜାଗୁଳାଇ ବିଜୟୀ




**ରାଜନଗର, ୧୨।୧(ସମିସ)**

ମଦନପୁର ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ୨ୟ ସେମିଫାଇନାଲରେ ବରୀ କ୍ରିକେଟ ଟିମକୁ ହରାଇ ଆଥଲେଟିକ କ୍ରିକେଟ ଟିମ ଜାଗୁଳାଇ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ଜାଗୁଳାଇ କ୍ରିକେଟ ଟିମ୍ ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବରୀ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରିଥିଲା। ୨୫୩ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଆଥଲେଟିକ କ୍ରିକେଟ ଟିମ୍ ଜାଗୁଳାଇ ୧୫.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଜାଗୁଳାଇର ଦିବାକର କର ୩୪ ବଲରେ ୧୦୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ସଂସାରଫଳ ପଞ୍ଚାୟତର ସମିତିସଭ୍ୟ ପର୍ଶୁରାମ ବେହେରା, ଚନ୍ଦନନଗର କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ଶ୍ରୀ ମଣ୍ଡଳ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ମହାବୀର ଯୁବକ ସଂଘର ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ସମ୍ପାଦକ ପ୍ରକାଶ ବେହେରା, ମ୍ୟାନେଜର ସଚିଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଅମ୍ପାୟାର ଭାବେ ଅଞ୍ଜନ କୁମାର ବେହେରା, ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିବା ବେଳେ ମହେଶ୍ୱର ପ୍ରଧାନ, ସୁଧିର ବେହେରା, ସୁବାଷ ବେହେରା ସ୍କୋରର ଏବଂ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିକ୍ରମ କିଶୋର ମହାନ୍ତି
ଅବସରପ୍ରାପ୍ତ ଶିକ୍ଷକ, ଘଣ୍ଟିକଣ, ଅସ୍ତରଙ୍ଗ
ଆବିର୍ଭାବ: ୦୪.୦୭.୧୯୧୬
ତିରୋଧାନ: ୨୬.୦୭.୨୦୨୪
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଝିଅ- ସବିତା, ଗୀତା, ଜ୍ୱାଇଁ- ପ୍ରତାପ, ପ୍ରଶାନ୍ତ, ନାତି-ନାତୁଣୀ: ମାମୁନି, ପାପୁନି, ଓମ୍, ପରିବାର ଓ ବନ୍ଧୁବର୍ଗ

# ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ପ୍ଲାଟିନମ୍ ଜୁବୁଲି ଅମୃତ ମହୋତ୍ସବ ଉଦ୍‌ଘାଟିତ

ଛେଣ୍ଡିପଦା,୧୨।୧(ସମିସ)



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବୁଲି କମିଟି ପକ୍ଷରୁ ଅମୃତ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଜୁବୁଲି କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପି ଆୟୋଜିତ ପ୍ଲାଟିନିୟମ ଜୁବୁଲିର ପ୍ରଥମ ଦିବସରେ ପ୍ରାତଃରୁ ଗ୍ରାମର ଥିବା ଶୈବପୀଠ ଠାରୁ ପୂଜା ଅର୍ଚ୍ଚନା କରାଯାଇ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା । ଏହା ପରେ ଗ୍ରାମ ସଭାପତି ଚନ୍ଦ୍ରମଣୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ଥିଲା । ଏହି କଳସ ଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଶାନ୍ତି ହୋମରେ ସ୍ଥାପନ କରିଥିଲେ। ଏହା ପରେ ବିଦ୍ୟାଳୟ ପରିସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଅଧିବେଶନରେ ଆୟୋଜିତ ଅମୃତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦାର ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନନ୍ଦ, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ମୋ ସ୍କୁଲ ପରିଚାଳନା କମିଟିର ସଭାପତି ଲମ୍ବୋଦର ପ୍ରଧାନ,ସମ୍ମାନିତ ଅତିଥି ଭାବେ ଅଗସ୍ତି ବେହେରା, ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ, ଜିଲ୍ଲା ପରିଷଦ ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଥମ ଦିବସର ପ୍ଲାଟିନମ ଜୁବୁଲି ସମାରୋହ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜୁବୁଲି କମିଟିର ସଭାପତି ଅଶୋକ ପ୍ରଧାନ ମଞ୍ଚ ପରିଚାଳନା କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଟେଲି ଅଭିନେତ୍ରୀ ମିଠୀ ଓ ସିଙ୍ଗର ଅର୍ଚ୍ଚନା ପାଢି ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀ ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଗୁରୁଜନ ଓ ଜୁବୁଲି କମିଟର ସଦସ୍ୟ ମାନେ ସହଯୋଗ କରିଥିଲେ ।

## ବ୍ରାଉନସୁଗର ଜବତ, ଜଣେ ଗିରଫ




**ଅନୁଗୋଳ,୧୨।୧(ସମିସ):** ଅନୁଗୋଳ ଜିଲ୍ଲା ଅବକାରୀ ବିଭାଗ ଆଜି ସକାଳ ୯ ଟା ବେଳେ ଏକ ସ୍କୁଟିରୁ ୨୫ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣଙ୍କ ହେଲେ କରଡ଼ାଗାଡ଼ିଆ ଗାଁର ୪୬ ବର୍ଷୀୟ ଅଲେଖ ଦାସ । ସୂଚନା ଅନୁସାରେ ଅଲେଖ ଓଡ଼ି ୧୯ କ୍ୟୁ ୨୧୫୦ ରେଜିଷ୍ଟ୍ରେସନ ନମ୍ବର ଥିବା ଏକ ସ୍କୁଟିରେ ବ୍ରାଉନସୁଗର ନେଇ ବିକ୍ରି କରିବାକୁ ଯାଉଥିବା ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ସୂଚନା ପାଇ ଅବକାରୀ ବିଭାଗର ପାଟ୍ରୋଲିଂ କରୁଥିବା ଗାଡ଼ି ଅଲେଖକୁ ଶିମିଳିପଡ଼ା ନିକଟରେ ଅଟକାଇ ଯାଞ୍ଚ କରିଥିଲା । ସ୍କୁଟିରୁ ୨୫ ଗ୍ରାମ ବ୍ରାଉନସୁଗର ଜବତ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ । ଅବକାରୀ ବିଭାଗ ସ୍କୁଟିକୁ ଜବତ କରିବା ସହ ଆଲେଖକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ୬୬ ୟୁନିଟ୍ ରକ୍ତ ସଂଗୃହୀତ



**ଛେଣ୍ଡିପଦା,୧୨।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଛେଣ୍ଡିପଦା ବ୍ଲକ ସଭାଗୃହ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୬୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରକୁ ଛେଣ୍ଡିପଦା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ବ୍ଲକ ପ୍ରକଳ୍ପ ସଂଯୋଜକ ଗ୍ରାମୀଣ ଆବାସ ସିପୁନ ପ୍ରଧାନ, ବରିଷ୍ଠ କିରାଣୀ ଘନଶ୍ୟାମ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଜେନା, ସଂଜୟ କୁମାର ନାଏକ, ଯନ୍ତ୍ରୀ ଅଜିତ କୁମାର ନାୟକ, ଲଲାଟେନ୍ଦୁ ସିଂହ,ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ ଜ୍ୟୋସ୍ନାମୟୀ ମୁର୍ମୁ, ବ୍ଲକ ପରିମଳ ସଂଯୋଜକ ସନ୍ଧ୍ୟାରାଣୀ ପଟ୍ଟନାୟକ, ବ୍ଲକ ଡାଟାଏଣ୍ଟ୍ରି ଅପରେଟର ମଧୁସ୍ମିତା ମିଶ୍ରଙ୍କ ସମେତ ବହୁ ବ୍ଲକ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ




**ଭୁବନ, ୧୨।୧(ସମିସ):** ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ୟୁଥ୍ ରେଡକ୍ରସ,ଏନସିସି ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକା ନନ୍ଦଙ୍କ ୧୬୧ ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ମମତା ପାତ୍ର , ଏନ୍ ସି ସି ଅଫିସର୍ ପ୍ରମିଳା ଦାସ, ଅଧ୍ୟାପକ ପ୍ରଶାନ୍ତ ରାଉତରାୟ, ଶୁଭମ୍ ବେହେରା ଯୋଗଦେଇଥିଲେ । ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁଥ ରେଡକ୍ରସ କାଉନସେଲର ଅଧ୍ୟାପିକା ଅନୁପମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନେ ମହାରାଷ୍ଟ୍ରର ନାସିକ ଠାରେ ଅନୁଷ୍ଠିତ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟର ଜରିଆରେ ସିଧା ପ୍ରସାରଣ ଦେଖିଥିଲେ ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗନ୍ଦିଆ, ୧୨।୧ (ସମିସ) :** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲହଡ଼ାର ଏକାଦଶ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଲହଡ଼ା ଗ୍ରାମର ବର୍ଷିୟାନ ସମାଜସେବୀ ଶରତଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ମୁଖ୍ୟ ବକ୍ତାଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ, ବିଶିଷ୍ଟ ଅତିଥିଭାବେ ବିଦ୍ୟାଳୟର ପରିଚାଳନା ପରିଷଦ ସଭାପତି ମମତା ଧଳ, ମୋ ସ୍କୁଲ ଅଭିଯାନ୍ ସଭାପତି ମନୋଜ କୁମାର ପହି, ବିଶିଷ୍ଟ ସମାଜସେବୀ ଓ ପରିବେଶବିତ୍ ବିଜୟ କୁମାର ସାମନ୍ତ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମନ୍ତ, ପ୍ରାକ୍ତନ ସରପଞ୍ଚ ବିପିନ ବିହାରୀ ଧଳ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତ୍ରିଲୋଚନ ପାଢ଼ୀ, ଶିକ୍ଷାବିତ୍ ଅନନ୍ତ ଚରଣ ଶତପଥୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ହରେକୃଷ୍ଣ ଆଏଚ୍ ଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା । ଚାମ୍ପିଅନ୍ ଭାବେ ତୁଷାର ମଳିକ, ଭାଗ୍ୟଲକ୍ଷ୍ମୀ ସାହୁ ସିଲଡ୍ ପାଇଥିଲେ । ଶିକ୍ଷକ ସନ୍ତୋଷ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ ଶିକ୍ଷକ ଦିନେଶ କୁମାର ବେହେରା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## ଶ୍ରୀଜଗନ୍ନାଥ ରଥକୁ ଭବ୍ୟ ସ୍ୱାଗତ



ଗଁଦିଆ, ୧୨।୧ (ସମିସ) : ଗଁଦିଆ ବ୍ଲକ ଅନ୍ତର୍ଗତ ଖଙ୍କିରା ଗ୍ରାମରେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରକଳ୍ପ ପରିକ୍ରମା ରଥକୁ ଭବ ସ୍ୱାଗତ କରାଯାଇଛି । ମହାଦେବ ରାମେଶ୍ୱର ମନ୍ଦିରଠାରୁ ରଥ ବାହାରି ଗ୍ରାମ ପରିକ୍ରମା କରିଥିଲା । ହରିବୋଲ, କୀର୍ତ୍ତନ, ପାରମ୍ପରିକ ନୃତ୍ୟରେ ଏକ ରଥଯାତ୍ରାର ଭ୍ରମ ସୃଷ୍ଟି ହୋଇଥିଲା ଏଥିରେ ହଜାର ଶ୍ରଦ୍ଧାଳୁମାନେ ଯୋଗଦାନ କରି ଜୟ ଜଗନାଥଧ୍ୱନିରେ ଗଗନ ପବନ ମୁଖରିତ କରାଇଥିଲେ । ଏକ ଆଧାମ୍ରିକ ପରିବେଶ ଓ ଜଗନ୍ନାଥ ମୟ ଖକିରା ଗ୍ରାମ ପାଲଟିଯାଇଥିଲା ।

## ସରକାରୀ ଉଚ୍ଚ ବିଦ୍ୟାଳୟ ଖଙ୍କିରା ଛାତ୍ରୀଙ୍କ ସଫଳତା

**ଗନ୍ଦିଆ, ୧୨।୧(ସମିସ):** ଢେଙ୍କାନାଳ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ନୂଆ ଓ' ଯୁବ ଓଡ଼ିଶା କ୍ରୀଡା ପ୍ରତିଯୋଗିତା ୨୦୨୪ରେ ସରକାରୀ ଉଚ୍ଚବିଦ୍ୟାଳୟ ଖଙ୍କିରାର ବାଳିକା ଫୁଟବଲ ଖେଳରେ ସାମିଲ ହୋଇ ରନର୍ସ ଅପରେ ୩୦ ହଜାର ଓ ବାଳିକା କବି ବିଭାଗରେ ୨୦ ହଜାର ଟଙ୍କା ପୁରସ୍କୃତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ମହିଳା ଶସକ୍ତିକରଣ ଓ କ୍ରୀ କ୍ଷେତ୍ରରେ ଏହା ଏକ ବଳିଷ୍ଠ ପଦକ୍ଷେପ । ଢେଙ୍କାନାଳ ଜିଲ୍ଲାର ଉପାନ୍ତ ଅଞ୍ଚଳର ଖଙ୍କିରା ଉଚ୍ଚବିଦ୍ୟାଳୟର ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ନାୟକଙ୍କୁ ସ୍ଥାନୀୟ ଅଞ୍ଚଳରୁ ପ୍ରସଂଶା କରାଯାଇଛି । ଏହି ଅଞ୍ଚଳର ଶିକ୍ଷା ସମାଜସେବୀ ଅଶୋକ ପତି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମହିଳା ବିକାଶଧାରାକୁ ବଜାୟ ରଖିବା ସହ ପ୍ରତିକ୍ଷେତ୍ରରେ ମହିଳାଙ୍କର ସହଭାଗିତା ଉପରେ ଭୂୟସୀ ପ୍ରଶଂସା କରିଥିଲେ ।

## ହରିଣ ମାଂସ ଜବତ, ୨ ଗିରଫ

**ଗଁଦିଆ, ୧୨।୧ (ସମିସ):** ବେଆଇନ ଭାବରେ ଜଙ୍ଗଲୀ ମାଂସ ରଖି ରୋଷେଇ କରୁଥିବା ଅଭିଯୋଗରେ ବନ ବିଭାଗ ୨ଜଣଙ୍କୁ ଗିରଫ କରିଛି । ଷଡ଼ଙ୍ଗୀ ରେଞ୍ଜ ଅଧୀନ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରୁ ଏକ ହରିଣକୁ ବେଆଇନ ଭାବରେ ଶିକାର କରି ଦଲାର ଖରିଆପଡ଼ା ଗ୍ରାମର ଛବି ମୁଣ୍ଡା (୩୩) ଓ ମଧୁ ମୁଣ୍ଡା (୪୩) ଏକ କେଜିର କଟା ହରିଣ ମାଂସ ଆଣି ଛବି ମୁଣ୍ଡାର ଘର ପଛପଟରେ ରୋଷେଇ କରୁଥିବା ସମୟରେ ଷଡ଼ଙ୍ଗୀ ରେଞ୍ଜ ଗିରିଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ଉଦ୍ଧବ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀ ଓ ସ୍କ୍ୱାର୍ଡ ମିଳିତ ଭାବରେ ଚଢ଼ଉ କରିଥିଲେ । ଉକ୍ତ ମାଂସ ଜବତ କରିବା ସହିତ ଘଟଣାସ୍ଥଳରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ।

## ଷଷ୍ଠ ସର୍ବଭାରତୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ

**ପାଲଲହଡ଼ା,୧୨।୧(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ପାଲଲହଡା ଷ୍ଟାଡିଅମ ପରିସରରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ଷଷ୍ଠ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ୟୁନିକ କେନ୍ଦୁଝର ଏକାଦଶକୁ ହରାଇ ୱାଇସିସି ରାଉରକେଲା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ପ୍ରଥମେ ୟୁନିକ କେନ୍ଦୁଝର ଏକାଦଶ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ କରିବାକୁ ସମର୍ଥ ହୋଇଥିଲା ବେଳେ ଏହାର ଜବାବରେ ୱାଇସିସି ରାଉରକେଲା ମାତ୍ର ୧୪.୫ ଓଭରରେ ୪ ୱିକେଟ ହରାଇ ୧୨୧ ରନ କରି ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ଉନ୍ନତମାନର ଖେଳ ପ୍ରଦର୍ଶନ କରି ୱାଇସିସି ରାଉରକେଲାର ସୌମ୍ୟରଞ୍ଜନ ଲେଙ୍କା ମ୍ୟାନ ଅଫ ଦି ମ୍ୟାଚ ଆଖ୍ୟା ଅର୍ଜନ କରି ପୁରସ୍କୃତ ହୋଇଥିଲେ । ବିଶ୍ୱଜିତ ମହାନ୍ତି ଓ ଆର ମାଧବନ ଖେଳ ପରିଚାଳନା କରୁଥିଲା ବେଳେ କ୍ଲବର ସଭାପତି ଅଜିତ କୁମାର ପ୍ରଧାନ ଉଦଘୋଷକ ଭାବେ ଖେଳର ଧାରା ବିବରଣୀ ପାଠ କରୁଥିଲେ । ଶ୍ରୀରାମ କ୍ରିକେଟ କ୍ଲବର ସଭାପତି ରଘୁନନ୍ଦନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଉଦବଳ ଏବଂ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ ।

## ମୀନାବଜାର ସାଇ ଦରବାରର ଦଶମ ବାର୍ଷିକ ପାରାୟଣ




**ଢେଙ୍କାନାଳ, ୧୨।୧(ସମିସ):** ଢେଙ୍କାନାଳ ସହରସ୍ଥିତ ଅଭିନନ୍ଦନ ଗାର୍ଡେନ ଠାରେ ମୀନାବଜାର ସାଇ ଦରବାରର ଦଶମ ବାର୍ଷିକ ଏକ ଦିବସୀୟ ସମୂହ ପାରାୟଣ ଅଦ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ପାରାୟଣ କାର୍ଯ୍ୟକ୍ରମରେ ଢେଙ୍କାନାଳ ତଥା ଢେଙ୍କାନାଳ ବାହାର ଜିଲ୍ଲାରୁ ପ୍ରାୟ ୨୦୦ ପାଠକ ଅଂଶଗ୍ରହଣ କରିଥିଲେ । ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ଭୁବନେଶ୍ୱର ଓ କଟକ ରୁ ସୁଲେଖିକା ଓ ସାଇ ପ୍ରବଚିକା ଶୁଭଶ୍ରୀ ମିଶ୍ର, ସାଇ ଦିବ୍ୟଲୀଳାର ପ୍ରବଚକ ଏସ୍ ରଥ, କଣ୍ଠ ଶିଳ୍ପୀ ମିନାକ୍ଷୀ ରଥ ଓ ପ୍ରବାଚିକା ସୁନିତା ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ସଂଧ ୬ ଟାରେ ମୁଖ୍ୟ ଅତିଥି ଭାବେ ସିନର୍ଜୀ କଲେଜ୍ର ମୁଖ୍ୟ ବିନୋଦ ଦାସ ଯୋଗଦେଇ ସମାଜସେବୀ, ମେଧାବୀ ଛାତ୍ର, କଟକ ଓ ଭୁବନେଶ୍ୱରରୁ ଆସିଥିବା ସାଇ ପ୍ରବଚିକା ଓ ସାଇ ପ୍ରବଚକ ଓ ଢ଼େଙ୍କାନାଳର ସମସ୍ତ ସାଇ ସେବକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦିବ୍ୟାଙ୍ଗ ମେଧାବୀ ଡାକ୍ତରୀ ଛାତ୍ର ଅଶ୍ରୁମୋଚନ ନାୟକ, ସମାଜସେବୀ ଦୁଇ ଭଉଣୀ ତନୁଶ୍ରୀ ଦାସ ଓ ତପସ୍ୱୀ ଦାସଙ୍କୁ ସାଇ ପାରାୟଣ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯାଇଛି ।

## ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ




**ଭୁବନ, ୧୨।୧ (ସମିସ):** ଭୁବନ ମହିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କିତ ତାଲିମ୍ ଶିବର ଉଦଘାଟିତ ହୋଇଛି । ନୋଡାଲ ଅଧିକାରୀ ବାସନ୍ତୀ ବେହେରାଙ୍କ ତତ୍ତ୍ୱାବଧାନରେ ଦୁଇଜଣ ପ୍ରଶିକ୍ଷିକା, ସିଲା ବେହେରା, ଭାଗ୍ୟବତୀ ସିଂ ଆତ୍ମରକ୍ଷା କୌଶଳ ତାଲିମ୍ ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ଦୁଇର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ସଭାପତିତ୍ୱ କରିଥିଲେ ଓ ସମ୍ମାନିତ ଅତିଥି ରୂପେ ଅର୍ଥନୀତି ବିଭାଗର ଅଧ୍ୟାପିକା ମଞ୍ଜୁଶା ମଞ୍ଜରି ମିଶ୍ର, ଉପସ୍ଥିତ ଥିଲେ । ସଂସ୍କୃତି ବିଭାଗର ଅଧ୍ୟାପିକା ସୁପ୍ତିମୟୀ ସେନ, ରାଜନୀତି ବିଭାଗର ଅଧ୍ୟାପିକା ପ୍ରଣତୀ ବେହେରା ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଣିହା,୧୨।୧(ସମିସ):** କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମ କନକେଶ୍ୱରୀ ହାଇସ୍କୁଲ ଠାରେ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗଣେଶ୍ୱର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ସରପଞ୍ଚ ଦୁଃଖବନ୍ଧୁ ବେହେରା, ବକ୍ତାଭାବେ ବିରବର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ମହାନ୍ତି, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାସ, ଲଳିତ ମୋହନ ବେହେରା, ଭିକାରି ଚରଣ ମହାନ୍ତି, ଗିରିଶ ଚନ୍ଦ୍ର ମହାନ୍ତି, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ପଦ୍ମନାଭ ପ୍ରଧାନ, ସିଆରସିସି ସୁମନ୍ତ କୁମାର ନାୟକ ପ୍ରମୁଖଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ଯୋଗଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ସୁରେଶ ସାହୁ ୧୯୮୯ରେ ଶରଧାପୁର ପ୍ରାଇମେରୀ ସ୍କୁଲରେ ଶିକ୍ଷକତା ଆରମ୍ଭ କରି ୨୦୨୩ ଡିସେମ୍ବର ୩୧ରେ ଅବସର ନେଇଥିଲେ ।

## ସମାଜସେବୀ ଲିଙ୍ଗରାଜ ସେଠୀଙ୍କ ସ୍ମୃତିସଭା




**ଗନ୍ଦିଆ, ୧୨।୧ (ସମିସ):** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ଅନ୍ତର୍ଗତ ପୋରୁହଖୋଜ ଗ୍ରାମର ବିଶିଷ୍ଟ ସମାଜସେବୀ ଲିଙ୍ଗରାଜ ସେଠୀଙ୍କ ଏକାଦଶାହରେ ସ୍ମୃତିସଭା ଗଁଦିଆ ସ୍ମୃତି ସଂସଦର ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ସଂସଦର ଉପଦେଷ୍ଟା ତଥା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ଉପଦେଷ୍ଟା ଦଣ୍ଡଧର ସାହୁ, ମଙ୍ଗୁଳି ଚରଣ ବିଶ୍ୱାଳ, ସୁବ୍ରତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ରାଉତ, ଡମ୍ବରୁଧର ସେଠୀ, ସଭ୍ୟ ଉମେଶ ଚନ୍ଦ୍ର ଧୀରଙ୍କ ସମେତ ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ପୋରୁହଖୋଜ ଗ୍ରାମ ପଞ୍ଚାୟତ ସରପଞ୍ଚ ରତିକାନ୍ତ ସାହୁ, ସମିତି ସଭ୍ୟ ବଳରାମ ପରିଡ଼ା, ଡିଜିଟାଲ ମିଡିଆ ସଭାପତି ପ୍ରଦୀପ କୁମାର ଦାସ, ତୈଳିକ ସମାଜ ରାଜ୍ୟ ମୁଖ୍ୟ ସଂଯୋଜକ ବିଦ୍ୟାଧର ସାହୁ, ସମାଜ ସେବୀ ରାମଚନ୍ଦ୍ର ସାହୁ, ଅନନ୍ତ ଚରଣ ଶତପଥୀ, ରାଘବ ଚନ୍ଦ୍ର ମହାରଣା, ସନାତନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂ ସ୍ମୃତିଚାରଣ କରିଥିଲେ । ସଭ୍ୟ ଅଭିମନ୍ୟୁ ଦାସ ଗୀତା ପାଠ କରିଥିଲେ । ତୈଳଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ ବ୍ଲକ ବିଜୁ ଜନତା ଦଳ ସଭାପତି ବିଶ୍ୱନାଥ ଜେନା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ସମାଜସେବୀ ଲଳିତ ଦାସଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ସ୍ୱର୍ଗତ ଲିଙ୍ଗରାଜ ସେଠୀଙ୍କ ସାନଭାଇ ଓ ଜାମାତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଜ୍ୟସ୍ତରୀୟ ତାଇକ୍ୱାଣ୍ଡୋ ପ୍ରତିଯୋଗିତା

## ତାଳଚେର ପ୍ରତିଯୋଗୀଙ୍କ କୃତିତ୍ୱ

ତାଳଚେର, ୧୨।୧(ସମିସ)




୨ୟ ସୁପର ସବ୍ ଜୁନିୟର ଓ ୩୫ତମ ରାଜ୍ୟସ୍ତରୀୟ ତାଇକ୍ୱାଣ୍ଡୋ ପ୍ରତିଯୋଗିତା ଚଳିତ ମାସ ୬ ଓ ୭ ତାରିଖ ଦୁଇଦିନ ଧରି ପୁରୀର ରାଣୀସତୀଠାରେ ଅନୁଷ୍ଠିତ ହୋଇଯାଇଛି । ପୁରୀ ତାଇକ୍ୱାଣ୍ଡୋ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ଟି ଜିଲ୍ଲାରୁ ୨୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅନୁଗୋଳ ତାଇକ୍ୱାଣ୍ଡୋ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଳଚେର ତାଇକ୍ୱାଣ୍ଡୋ ଏକାଡେମିର ପ୍ରତିଯୋଗୀମାନେ ଭାଗ ନେଇ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ତାଳଚେରର ସ୍ୱପ୍ନିଲ ବରାଳ ଓ ଇଭଙ୍କା ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୂର୍ବି ପୂନ୍ୟାଭି ଦେହୁରୀ ରୌପ୍ୟ ପଦକ ଓ ଦିବ୍ୟାଂଶ କୁମାର ସାହୁ, ରାଜଶ୍ରୀ ନାୟକ ବ୍ରୋଞ୍ଜ ପଦକ ଲାଭ କରି ତାଳଚେର ପାଇଁ ଗୌରବ ଆଣିଛନ୍ତି । ସେହିପରି ଅନୁଗୋଳ ଡାନିସ୍ ତାଇକ୍ୱାଣ୍ଡୋ ଏକାଡେମୀର ନିତେଶ ଧୀର୍, ଦିନେଶ ମହାକୁଡ଼ ଓ ଆନନ୍ଦ ନାୟକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ଡିଏଭି ରିଜୋନାଲରେ କରନଜିତ୍ କୁମାର ମଲ୍ଲିକ ବ୍ରୋଞ୍ଜ ପଦକ ଲାଭ କରି ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ଅବସରରେ ରାଜସ୍ଥାନରେ ହେବାକୁ ଥିବା ଜାତୀୟ ତାଇକ୍ୱାଣ୍ଡୋ ବରିଷ୍ଠ ବର୍ଗରେ ଅନୁଗୋଳର ଉଦିତାଂଶୁ ପରିଡ଼ା ଓ ରାଜଶ୍ରୀ ନାୟକ ମନୋନୀତ ହୋଇଛନ୍ତି ବୋଲି ଅନୁଗୋଳ ତାଇକ୍ୱାଣ୍ଡୋ ଆସୋସିଏସନର ସଂପାଦକ ପ୍ରମୋଦ କୁମାର ପ୍ରଧାନ ପ୍ରକାଶ କରିଛନ୍ତି ।

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

# ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଚସା

- ଛାତ୍ରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ
- ଛାତ୍ରଛାତ୍ରୀଙ୍କ ବ୍ୟବହାରକୁ ନେଇ ଅତିଷ୍ଠ କଲେଜ କର୍ତ୍ତୃପକ୍ଷ

କେନ୍ଦ୍ରାପଡ଼ା,୧୨।୧(ସମିସ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆଜି ଅଣଛାତ୍ର, ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକାଙ୍କ ମଧ୍ୟରେ ବଚସା ହୋଇଛି। ଛାତ୍ରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗରେ କଲେଜ ପରିସରରେ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ତୁମୁଳକାଣ୍ଡ ଦେଖିବାକୁ ମିଳିଥିଲା। କେତେଜଣ ବିଶୃଙ୍ଖଳିତ ଛାତ୍ରଛାତ୍ରୀ ଆଉ ଅଣଛାତ୍ରଙ୍କ ଯୋଗୁଁ କଲେଜ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଅଭିଯୋଗ ମୁତାବକ, ବର୍ତ୍ତମାନ ମହାବିଦ୍ୟାଳୟରେ ଚାଲିଥିବା ସରକାରଙ୍କ 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଗତକାଲି ସନ୍ଧ୍ୟାରେ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ସେତିକି ବେଳେ ମହାବିଦ୍ୟାଳୟର ଜନୈକ +୩ ଛାତ୍ରୀ ଏକ ଉତ୍ତେଜନା ସୃଷ୍ଟିକାରୀ ଡ୍ରେସ ପିନ୍ଧି ସେହି କାର୍ଯ୍ୟକ୍ରମରେ ଡ୍ୟାନ୍ସ କରିବାକୁ ଜିଦ୍ ଧରିଥିଲେ ବୋଲି ଅଭିଯୋଗ ହୋଇଛି। ଏଭଳି ଡ୍ୟାନ୍ସକୁ ଦାୟିତ୍ୱରେ ଥିବା ଅଧ୍ୟାପିକାଙ୍କ ସମେତ କାର୍ଯ୍ୟକ୍ରମର ବିଚାରପତିମାନେ ବି ଅନୁମତି ପ୍ରଦାନ କରିନଥିଲେ। ଫଳରେ ସମ୍ପୃକ୍ତ ଛାତ୍ରୀ ଜଣଙ୍କ ସେହି ଅଧ୍ୟାପିକାଙ୍କ ସମେତ ଅନ୍ୟ ଜଣେ ଅଧ୍ୟାପିକାଙ୍କୁ ଗାଳିଗୁଲଜ କରି ସେଠାରୁ ଚାଲି ଯାଇଥିଲେ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଆଜି ସେ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଚାମ୍ବରରେ ସଂପୃକ୍ତ ଅଧ୍ୟାପିକାମାନେ ଘଟଣା ବିଷୟରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ଦାସଙ୍କୁ ଜଣାଇଥିଲେ। ଏସମ୍ପର୍କରେ ସେଠାରେ ଆଲୋଚନା ଚାଲିଥିବା ବେଳେ ସଂପୃକ୍ତ ଛାତ୍ରୀ ଜଣଙ୍କ ପୁନର୍ବାର ସେହି ଅଧ୍ୟାପିକାମାନଙ୍କୁ ଆଙ୍ଗୁଳି ଦେଖାଇ ବିଭିନ୍ନ ଆପତ୍ତିଜନକ କଥା କହିଥିଲେ ବୋଲି ଅଭିଯୋଗ ହୋଇଛି। ଫଳରେ ସମାଧାନ ହେବାକୁ ଯାଉଥିବା ଘଟଣାଟି ଭିନ୍ନ ରୂପ ନେଇଥିଲା। ସେହି ସମୟରେ ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ କେତେଜଣ ଅଣଛାତ୍ର ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ବଡ ପାଟିରେ ଗାଳି ଗୁଲଜ କରିବାରେ କଲେଜ ପକ୍ଷରୁ ଟାଉନ ଥାନାକୁ ଘଟଣା ବିଷୟରେ ଟେଲିଫୋନ ଯୋଗେ ଜଣାଇ ଦିଆଯାଇଥିଲା। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଅଣଛାତ୍ରମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ। ସେପଟେ ଜଣେ ଛାତ୍ରୀଙ୍କୁ କଲେଜ ଅଧ୍ୟାପିକା ମାଡ଼ ମାରିଥିବା ଅଭିଯୋଗରେ ଏହିଭଳି ତୁମୁଳକାଣ୍ଡ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଶୁକ୍ରବାର ସେହି ଘଟଣାର କୌଣସି ସମାଧାନ ହୋଇ ପାରି ନାହିଁ। ସଂପୃକ୍ତ ଅଧ୍ୟାପିକାଙ୍କୁ ଲିଖିତ ଭାବରେ ଘଟଣା ସମ୍ପର୍କରେ ଜଣାଇବାକୁ କଲେଜ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା




ଡେରାବିଶ,୧୨।୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ 'ନୂଆ-ଓ' ଯୋଜନାର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମଣ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଗାଳ୍ପିକ ପ୍ରଫେସର ଗିରିଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାର ମୁଖ୍ୟ ଅଧିକାରୀ ଅଧ୍ୟାପକ ଶିଶିଭୂଷଣ ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡଃ ସାହୁ ଓଡ଼ିଆ ଭାଷା ସାହିତ୍ୟର ଇତିହାସ ଏବଂ ମାତୃଭାଷାକୁ ଗର୍ବ ସହକାରେ ବ୍ୟବହାର କରିବା ସମ୍ପର୍କରେ ତାଙ୍କର ଅଭିଭାଷଣ ରଖିଥିଲେ। ସଭାପତି ଡଃ ଦାଶ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ସମ୍ପର୍କର ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଭୂୟାଁ, ଅକ୍ଷୟ କୁମାର ବଳ, ପ୍ରାଧ୍ୟାପିକା ଝରାଶ୍ରୀ ପରିଡା, ଅଧ୍ୟାପିକା ମେନକା ପଣ୍ଡା, ଅଧ୍ୟାପକ ବେଦପ୍ରକାଶ ନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

ଆୟୋଜିତ ପ୍ରତିଯୋଗିତାରେ ଓଡ଼ିଆ ବକ୍ତୃତା ଓ ଭଜନଗାନ କାର୍ଯ୍ୟକ୍ରମରେ +୩ ବିଭାଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମନୀଷା ଦାସ, ଲୋପାମୁଦ୍ରା ଦାସ, ପୁଷ୍ପଲତା ସାହୁ, ଅଧ୍ୟାପକ ବରଦା ପ୍ରସାଦ ଜେନା ଉପସ୍ଥିତ ରହିଥିଲେ। ଶେଷରେ ଅଧ୍ୟାପିକା ମନୀଷା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଭର୍ଚ୍ଚୁଆଲରେ ରାମଚନ୍ଦ୍ର ବିଦ୍ୟାପୀଠ ଲୋକାର୍ପଣ

# କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ



ଡେରାବିଶ,୧୨।୧(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ସ୍ଥିତ ରାମଚନ୍ଦ୍ର ବିଦ୍ୟାପୀଠ ଚତୁର୍ଥ ପର୍ଯ୍ୟାୟରେ '୫-ଟି' ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ଏହାର ରୁପାନ୍ତରିକରଣ କାର୍ଯ୍ୟ ଶେଷ ହୋଇଛି। ଏଥିନିମନ୍ତେ ଗତକାଲି ଅପରାହ୍ନରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ୍ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକାର୍ପଣ କାର୍ଯ୍ୟକ୍ରମ ଉପଲକ୍ଷେ ରାମଚନ୍ଦ୍ର ବିଦ୍ୟାପୀଠର ସ୍ମାର୍ଟ କ୍ଲାସରୁମ୍‌ରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟକୁମାର ବରାଳ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଜିଆରଏସ୍ ପୁନିଲ କୁମାର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ଓ ଶିକ୍ଷାୟତନ ପ୍ରତି ଏହି ମହତ ଅବଦାନ ପାଇଁ ବିଦ୍ୟାଳୟର ଶିକ୍ଷକ ଅମରେନ୍ଦ୍ର ରଥ, ଲକ୍ଷ୍ମୀପ୍ରିୟା ସାହୁ, ସେକ୍, ସାମଉଦ୍ଦିନ, ମୁଲତା ପଣ୍ଡା, ସେକ୍ ଅବରାର ଆଲମଙ୍କ ସମେତ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଦାମୋଦର ସାମଲ, ବିଜୟ କୁମାର ସାମଲ, ଉତମ ଚରଣ ପାତ୍ର, ରନ କୁମାର ସାମଲ, ଅଧ୍ୟାପକ ସୁବାଷ ଚନ୍ଦ୍ର କର, ପ୍ରସନ୍ନ କୁମାର ସାମଲ, ସମିମ ଅକତର, ପୂର୍ବତନ ସରପଞ୍ଚ ସୁଶ୍ରୀ ସାହୁ, ବହୁ ଛାତ୍ରାଭିଭାବକ ଓ ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ଡେରାବିଶ,୧୨।୧(ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଆଜି ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର, ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଜାତୀୟସେବା ଯୋଜନା ଅଧିକାରୀ ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର, ସମ୍ମାନିତ ଅତିଥିଭାବେ ଯୁବ ରେଡ଼କ୍ରସର କାଉସେଲର ପ୍ରଭାତ ବେହେରା ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ଜେନା ମଞ୍ଚ ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯୁବ ରେଡ଼କ୍ରସର କାଉନ୍‌ସେଲର ଅଧ୍ୟାପକ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଡେରାବିଶ ବ୍ଲକ୍‌ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡେରାବିଶ,୧୨।୧(ସମିସ): ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦାସରଥି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏହି ଶିବିରରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତାଭାବେ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, କେନ୍ଦ୍ରାପଡ଼ା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶିନୀ ଓ ସିଡ଼ିପିଓ ସ୍ନେହଲତା ସାହୁ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇ କହିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ସାମର୍ଥ୍ୟ ଶିବିର ବିଷୟରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ସହକାରୀ ମନସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ସମୁଦାୟ ୨୧୫ ଜଣ ଭିନ୍ନକ୍ଷମ ବ୍ୟକ୍ତି ନାମ ପିଞ୍ଜିକୃତ କରିଥିଲେ। ତେବେ ଆଜିର ଶିବିରରେ ମାନସିକ ଅନଗ୍ରସର ବିଭାଗରେ ୩୭ ଜଣ, ଅସ୍ଥିଶଲ୍ୟ ବିଭାଗରେ ୧୨୩ ଜଣ, ଚକ୍ଷୁ ବିଭାଗରେ ୩୧ ଜଣ ଓ ଶ୍ରବଣ ବାଧିତ ବିଭାଗରେ ୨୪ ଜଣ ବ୍ୟକ୍ତିଙ୍କୁ ଶିବିରରେ ଉପସ୍ଥିତ ଡାକ୍ତରମାନେ ପରୀକ୍ଷା କରିଥିଲେ। ତେବେ ସରକାରଙ୍କ ଯୋଜନା ଅନୁଯାୟୀ ଯେଉଁ ଭିନ୍ନକ୍ଷମ ଗରିବ ବ୍ୟକ୍ତିଙ୍କର ବାସଗୃହ ନାହିଁ, ରାସନ କାଡ଼ରୁ ବଞ୍ଚିତ, ବସ୍‌ପାସ୍, ଡିଆରଆଇ ଲୋନ୍‌ରୁ ବଞ୍ଚିତ ବ୍ୟକ୍ତିଙ୍କ ମଧ୍ୟରୁ ବ୍ଲକ ଅଧୀନସ୍ଥ ୨୬ ଗୋଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମଙ୍କ ମଧ୍ୟରୁ ୪୩ ଜଣ ଭିନ୍ନକ୍ଷମଙ୍କୁ ବାସଗୃହ ଯୋଜନାରେ, ୧୪ ଜଣଙ୍କୁ ରାସନକାଡ଼ର୍, ୬୬ ଜଣଙ୍କୁ ବସ୍ ପାସ୍ ଓ ୧୯ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କ୍ଷୁଦ୍ର ବ୍ୟବସାୟ ପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ଯୋଗାଇ ଦେବା ପାଇଁ ମନୋନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଡ଼ିଓ ଭକିଶୋର ନାୟକଙ୍କ ସମେତ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶରତ ମହାନ୍ତି, ଅନିଲ କୁମାର ସେଠୀ, ଅଖତର ଅଲ୍ଲୀ ଓ କେଶବର ଚରଣ ପାତ୍ର ପରିଚାଳନା କରିଥିଲେ।

# ପଲେଇ ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟିତ



ଡେରାବିଶ,୧୨।୧(ସମିସ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ପଲେଇ ପ୍ରାଥମିକ କୃଷି ସମାବୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ସମିତିର ସଭାପତି ବିଦୁଲତା ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରଞ୍ଜନ କୁମାର ସାମଲ, ଜୀବନାନନ୍ଦ ସାମଲ, ରଞ୍ଜନ କୁମାର ନାୟକ, ରଘୁନାଥ ବେହେରା ପ୍ରମୁଖ ଶସ୍ୟ କିମଟି ସଭ୍ୟ ଭାବରେ ଯୋଗଦେଇଥିଲେ। ସମିତି ଅଧୀନ ଚାଷୀ ପ୍ରକାଶ କୁମାର ପରିଡ଼ା, ସୁଲେଖା ସ୍ୱାଇଁ ଓ ସୁରେନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ।

# କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ: ନରସିଂହପୁର ଚାମ୍ପିଅନ୍

ପଞ୍ଚୁପାଣ୍ଡବ,୧୨।୧(ସମିସ): ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ହାଟପଡ଼ିଆ ଠାରେ ଦୁଇଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲା ବେଳେ ନରସିଂହପୁର ଓ ହଳଦିଆ ପାଟଣା ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଦିଷ୍ଟ ୧୫ ଓଭରର ଏହି ଖେଳରେ ନରସିଂହପୁର ୧୫୯ ରନ୍ ସଂଗ୍ରହ କରିଥିବା ବେଳେ ହଳଦିଆ ପାଟଣା ୧୪୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲେ। ଏହି ଖେଳକୁ ଅମ୍ପାୟାର ଭାବରେ କାଜଲ ଘଡ଼ାଇ ଓ କୁଶଦେବ ସାହୁ ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍‌ଦି ମ୍ୟାଚ୍ ଉଦିତ ନାରାୟଣ ସାହୁ ଓ ମ୍ୟାନ୍ ଅଫ୍ ଦିନ ସିରିଜ୍ ଚନ୍ଦ୍ରକାନ୍ତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲ। ଗିରିଗୋବର୍ଦ୍ଧନ ପୂଜା କମିଟି ତରଫରୁ ଚାମ୍ପିଅନ୍ ନରସିଂହପୁର ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଭୂତି ଭୂଷଣ ଘଡ଼ାଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଶିବ ପ୍ରସାଦ ମଣ୍ଡଳ, କେଦାର ଘଡ଼ାଇ, ପ୍ରଭାତ ଗାଆଣ, ସୁବାସ ମହାରଣ, ଦୀପକ ମଣ୍ଡଳ ଓ ପ୍ରସନ୍ନଜିତ ମଣ୍ଡଳ, ପରିଚାଳନାରେ ସହଯୋଗ କରିଥିଲେ।



# ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ଆକ୍ରମଣ

ରାଜକନିକା,୧୨।୧(ସମିସ): ରାଜକନିକାରେ ଥିବା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମଚାରୀଙ୍କ ଉପରେ ବ୍ୟାଙ୍କ ପରିସରରେ ଡ୍ୟୁଟିରେ ଥିବା ସମୟରେ ଜଣେ ପୂର୍ବତନ ଶାଖା ପରିଚାଳକ ଆକ୍ରମଣ କରିଥିବା ରାଜକନିକା ଥାନାରେ ଏତଲା ହୋଇଛି। ତେବେ ଆକ୍ରମଣର ସଠିକ କିଛି କାରଣ ଜଣା ପଡି ନ ଥିଲେ ହେଁ ଏହି ଘଟଣାକୁ ପରବର୍ତ୍ତୀ ଅବସ୍ଥାରେ ଆପୋଷ ସମାଧାନ କରିବାକୁ ଉଦ୍ୟମ ହୋଇଥିଲେ ହେଁ ଯେହେତୁ ମାମଲା ପଞ୍ଜିକୃତ ହୋଇଯାଇଛି ତେଣୁ ଏହି ସମାଧାନ ଫଳପ୍ରସୁ ହୋଇନାହିଁ। ରାଜକନିକା ଥାନା କେଶ ନଂ.୧୨ରେ ବ୍ୟାଙ୍କର କ୍ୟାସିଅର ଜଗନ୍ନାଥ ବେହୁରିଆଙ୍କ ଏତଲା ଆଧାରରେ ମାମଲା ହୋଇଛି।

# ବ୍ରାଉନ୍‌ସୁଗର ଜବତ

ପାରାଦୀପ,୧୨।୧(ସମିସ): ପାରାଦୀପ ଲକ୍‌ଥାନା ଅଧିନ ଦୋଛକି ସୁଲଭ ଶୌଚାଳୟ ନିକଟରୁ ଆଜି ଜଣେ ବ୍ରାଉନ୍‌ସୁଗର ବେପାରୀକୁ ପୁଲିସ ଧରି କୋର୍ଟ ଚାଲାଣ କରିଛି। ତା ନିକଟରୁ ୧୦ ଗ୍ରାମ ବ୍ରାଉନ୍‌ସୁଗର ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ପୁଲିସର ପେଟ୍ରୋଲିଂ ଗାଡି ଗତକାଲି ୧୧.୩୦ରେ ଦୋଛକି ନିକଟରୁ ଅଭିଯୁକ୍ତ କାଶୀନାଥ ମାନା (୪୭)କୁ ଗିରଫ କରିଥିଲା। ସେ ଅଠରବାଙ୍କୀ ନିକଟ ଲକପଡା ଅଞ୍ଚଳରେ ରହୁଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।

## ● ଅବସର କର୍ମଚାରୀ ପରିଷଦ ବନ୍ଧୁମିଳନ

# ବିଏସ୍‌କେୱାଇ ନବୀନ କାର୍ଡରେ ସାମିଲ ଦାବି

ପଟ୍ଟାମୁଣ୍ଡାଇ,୧୨।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଅବସର କର୍ମଚାରୀ ପରିଷଦ ପକ୍ଷରୁ ନବବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ ଓ ଆଲୋଚନା ସଭା ଝାଡ଼ବଣ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସମ୍ପାଦକ ରାଜକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପ୍ରେମାନନ୍ଦ ସୂତାର, କାର୍ତ୍ତିକ ରାଉତ, ନିମାଇଁ ମଲ୍ଲିକ, ରଞ୍ଜିତ ରାଉତ, ଧରଣୀଧର ନାଥଶର୍ମା, ଭଗବାନ ରାଉତ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାମଲ, ଧରଣୀଧର ବିଶ୍ୱାଳ, ରମେଶ ଦାସ, ନିରାକାର ସୂତାର, ପତିତପାବନ ଦାସ, କାର୍ତ୍ତିକ ମଲ୍ଲିକ, ବିଜୟ ନାୟକ, ଭରତସିଂହ, ମାନଗୋବିନ୍ଦ ପରିଡା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ପେନସନଧାରୀମାନଙ୍କୁ ନୂତନ ବିଏସ୍‌କେୱାଇ ନବୀନ କାର୍ଡ ଯୋଜନାରେ ସାମିଲ କରିବା, ପରିଭ୍ରମଣ ପାଇଁ ଅନୁଦାନ ଯୋଗାଇବା, ସମସ୍ତ ବସରେ ଶତକଡା ୫୦ଭାଗ ରିଆତି, ୬୫ବର୍ଷରେ ୫% ୭୦ବର୍ଷରେ ୧୦% ଓ ୭୫ବର୍ଷରେ ୧୫%, ୮୦ବର୍ଷରେ ୨୦% ଅତିରିକ୍ତ ପେନସନ ଲାଗୁ କରିବା ପାଇଁ ସରକାରଠାରେ ଦାବି କରିଥିଲେ। ଏହି ଅବସରରେ ବଣଭୋଜିର ଆୟୋଜନ କରାଯାଇଥିଲା। ପ୍ରେମାନନ୍ଦସୂତାର, କାର୍ତ୍ତିକ ରାଉତ, ନିମାଇ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ● ପୁସ୍ତକ ମେଳାର ୭ମ ସନ୍ଧ୍ୟାରେ ସାହିତ୍ୟ ଆସର, ପୁରସ୍କାର ବିତରଣ

# ସୃଜନଶୀଳ କବିତା ସମାଜକୁ ସଠିକ୍ ମାର୍ଗରେ ନେଇଥାଏ



କେନ୍ଦ୍ରାପଡା,୧୨।୧(ସମିସ): କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗୀତାରେ ଅନୁଷ୍ଠିତ ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳାର ୭ମ ସନ୍ଧ୍ୟାରେ ଗତ୬ଦିନ ଧରି ବିଭିନ୍ନ ବିଭାଗର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତ ବସନ୍ତ ପତି ସ୍ମୃତି ସଂସଦ ସୌଜନ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟାଳୟର ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ଓ ସମାଜସେବୀ ଅଜୟକୁମାର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉପାଦେୟ ପୁସ୍ତକ ଅଧ୍ୟୟନ ଦ୍ୱାରା ବିଦ୍ୟାର୍ଥୀମାନେ ସୁନାଗରିକ ହୋଇପାରିବେ ବୋଲି ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ। ସଭାରେ କେମ୍‌ର ସଭାପତି ଅକ୍ଷୟ କୁମାର ପାଣି ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ମହମ୍ମଦ ଜାହିଦ୍ ଖାଁ, ସାଂସ୍କୃତିକ ସମ୍ପାଦକ ହିମାଂଶୁ ଦାସ, ବଂଶୀଧର ମହାନ୍ତି, ଧର୍ମଦର୍ଶୀ କର, ସରୋଜ ସାହୁ, ଶାନ୍ତନୁ ମଲ୍ଲିକ, ବିଜୟ ବେହେରା, ସମ୍ବିତ ଶ୍ରୀଚନ୍ଦନ, ସନ୍ଦୀପ ସାହୁ, ପ୍ରତାପ ସ୍ୱାଇଁ ପ୍ରମୁଖ ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୫ଜଣ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେପରେ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ କାଶୀନାଥ ରାଉତରାୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ଏହାପରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନରେ ମୌସୁମୀ ସାହିତ୍ୟ ସଂସ୍କୃତି ପରିସଦ ପକ୍ଷରୁ ଶିଶିର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପ୍ର. ନନ୍ଦକିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବୀ ଅନ୍ନପୂର୍ଣ୍ଣା ମହାନ୍ତି, ସମ୍ମାନୀତ ଅତିଥିଭାବେ ବୃନ୍ଦାବନ ଦାସ ଯୋଗଦେଇ ସୃଜନଶୀଳ କବିତା ସମାଜକୁ ସଠିକ୍ ମାର୍ଗରେ ନେଇଥାଏ ବୋଲି କହିଥିଲେ। ମୌସୁମୀର ସମ୍ପାଦକ ଡଃ ଶ୍ରୀଧର ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କବି ପ୍ରେମାନନ୍ଦ ଖଣ୍ଡୁଆଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କେମ୍‌ର ସଭାପତି ଶ୍ରୀ ପାଣି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ କବି ଅନ୍ନପୂର୍ଣ୍ଣା ମହାନ୍ତିଙ୍କ କାବ୍ୟସଂକଳନ "ପଦ୍ମ ପାପୁଲି" ଉନ୍ମୋଚିତ ହୋଇଥିଲା। ମେଜର ଭରତ ଚନ୍ଦ୍ର ଜେନାଙ୍କୁ ମୌସୁମୀ ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶେଷରେ କବି ଶୈଳଜା ଶଙ୍କର ସାମଲ ଓ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୧୫ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ପୁସ୍ତକ ମେଳାର ଏହି ସମସ୍ତ କାର୍ଯ୍ୟକ୍ରମକୁ କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ତତ୍ତ୍ୱାବଧାନରେ ଯଯାତି ମହାନ୍ତି, କ୍ଷୀରୋଦ କର, ଶେଷଦେବ ଦାସ, ଭବାନୀ ଓଝା, ଅମ୍ରିନ ସାହାଦତ, ତାରେଣୀ ପାଟଯୋଶୀ, ମୃତ୍ୟୁଞ୍ଜୟ ପରିଡା ପ୍ରମୁଖ ପରିଚାଳନା କରିଥିଲେ। ଶନିବାର ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ।

# ସଂସାରଫଳରେ କାଉମଡ଼କ; ଲୋକେ ଆତଙ୍କିତ

## ୫୦ରୁ ଅଧିକ କାଉ ମୃତ; ଗଛରୁ ଖସି ପଡୁଛନ୍ତି



**ରାଜନଗର,୧୨।୧(ସମିସ):** କେନ୍ଦ୍ରାପଡା ଜିଲ୍ଲା ଭିତରକନିକା ଜାତୀୟଉଦ୍ୟାନ ସୀମା ସରହଦ ସଂଲଗ୍ନରେ ଥିବା ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମରେ ୫୦ ଉର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ଘଟିଛି। ଦୁଇଦିନ ଭିତରେ ଏତେ ସଂଖ୍ୟକ କାଉ ମରି ପଡିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ବାର୍ଡ-ଫ୍ଲୁ ଆଶଙ୍କାକୁ ନେଇ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ସଂସାରଫଳ ଗାଁର ଶିବ ମନ୍ଦିର ନିକଟ ଏବଂ ଆଖ ପାଖ ସ୍ଥାନରେ ୨ଦିନ ହେଲା କାଉ ଗୁଡିକ ମରି ପଡିଥିବା ଦେଖିବାକୁ ମିଳିଛି। ଗତକାଲି ଏବଂ ଆଜି କାଉ ଗୁଡିକ ହଠାତ୍ ଗଛରୁ ଖସି ପଡୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହୁଛନ୍ତି। ଗୋଟିଏ ଗାଁରେ ଦୁଇ ଦିନ ଭିତରେ ୫୦ରୁ ଉର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ସ୍ଥାନୀୟ ଅଂଚଳରେ ଆତଙ୍କର ବାତାବରଣ ଖେଳାଦେଇଛି। ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ଭିଡ ଜମିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଓ ବିଦେଶରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ବିଦେଶୀ ପକ୍ଷୀ ଭିତରକନିକାରେ ଭିଡ ଜମାଇଛନ୍ତି। ବର୍ତ୍ତମାନ ଧାନକଟା ସରିଥିବା ବେଳେ ବିଲରେ ଝଡି ପଡିଥିବା ଧାନ ଓ କୀଟପତଙ୍ଗ ଖାଇବାକୁ ବିଦେଶୀ ପକ୍ଷୀମାନେ ଜାତୀୟ ଉଦ୍ୟାନ ମଧ୍ୟରୁ ଗାଁ ଧାନ ବିଲରେ ବସୁଛନ୍ତି। ବିଦେଶାଗତ ପକ୍ଷୀଙ୍କ ଭିଡ ସମୟରେ କାଉମଡକ ଆତଙ୍କର ପରିସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଆଦିକନ୍ଦ ପରିଡା, ବିଜୟ ଦାସ ପ୍ରମୁଖ ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ବନବିଭାଗକୁ ସୂଚନା ଦେଇଥିଲେ। ସେମାନଙ୍କ କହିବା କଥା ହେଲା କାଉମାନେ ଗଛ ଓ ବିଭିନ୍ନ ସ୍ଥାନରେ ବସିଥିବା ବେଳେ ହଠାତ୍ ତଳକୁ ଖସି ପଡୁଥିବା ଆମେ ଦେଖିବାକୁ ପାଉଛୁ। ଦୁଇ ଦିନ ମଧ୍ୟରେ ହଠାତ୍ ଏତେ ସଂଖ୍ୟାରେ କାଉଙ୍କ ମୃତ୍ୟୁ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ବିଦେଶାଗତ ପକ୍ଷୀ ଆସିଥିବାରୁ କୌଣସି ଅଜଣା ରୋଗ ସେମାନଙ୍କ ଠାରୁ କାଉଙ୍କୁ ବ୍ୟାପି ଏପରି ହୋଇଥିବା ସେମାନେ ଆଶଙ୍କା କରୁଥିବା କହିଛନ୍ତି। ଏ ସମ୍ପର୍କରେ ଡିଏଫ୍ଓ ସୁଦର୍ଶନ ଗୋପିନାଥ ଯାଦବଙ୍କୁ ପଚାରିବାରୁ ମୃତ କାଉମାନଙ୍କର ବ୍ୟବଚ୍ଛେଦ କରାଯିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି।

# ୪୨ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ୨୧ରୁ

**ରାଜନଗର, ୧୨।୧(ସମିସ):** ରାଜନଗର ବ୍ଲକ ବଡପଲ୍ଲୀ ମିନିଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ୪୨ତମ ଚଂଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତମାସ ୨୧ତାରିଖରୁ ଆରମ୍ଭ ହେଉଛି। ବଡପଲ୍ଲୀ ପଲ୍ଲିଶ୍ରୀ ଯୁବକସଂଘ ପକ୍ଷରୁ ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଉଦ୍ଘାଟନୀ ମ୍ୟାଚରେ ପିସିସି ପାରାଦୀପ ସହିତ ଜିମ୍ ଖାନ୍ ରାଉରକେଲା ମଧ୍ୟରେ ମୁକାବିଲା ହେବ। ୨୨ ତାରିଖରେ ଡିଆରକେ ବାରିପଦା ସହିତ ଭଦ୍ରକ ପୁଲିସ ମଧ୍ୟରେ, ୨୩ ତାରିଖ ଦିନ ପ୍ରଥମ ସେମି ଫାଇନାଲ ୨୧ ତାରିଖର ବିଜେତାଙ୍କ ସହିତ ୨୨ ତାରିଖର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ୨୪ ତାରିଖରେ ଷ୍ଟଡ ଖୋର୍ଦ୍ଧା ସହିତ ଏମସିସି ଭୁବନେଶ୍ୱର, ୨୫ ତାରିଖରେ ଜୁଭେନାଲ କଟକ ସହିତ ବିଏନସି ଯାଜପୁର, ୨୬ ତାରିଖରେ ଦ୍ୱିତୀୟ ସେମି ଫାଇନାଲରେ ୨୪ ତାରିଖର ବିଜେତା ସହିତ ୨୫ ତାରିଖର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ୨୭ ତାରିଖ ଦିନ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଓ ୨୮ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସୁବାଷ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଅଭିମନ୍ୟୁ ପ୍ରତିହାରୀ, ତପନ କୁମାର ପରିଡା ପ୍ରମୁଖ ଜଣାଇଛନ୍ତି। ଚମ୍ପିୟାନ ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ନଗଦ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଧଳା ବଲ, ରଙ୍ଗୀନ ଡ୍ରେସ ସାଙ୍ଗକୁ ଚିଅର୍ସ ଗାର୍ଲଙ୍କ ଅତ୍ୟାଧୁନିକ ନାଚ ମ୍ୟାଚକୁ ଅଧିକ ଆକର୍ଷଣୀୟ କରିବ।

### ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

# ଡିଏଭି କାଂଶବାହାଲର ରୋହିତଙ୍କୁ ସ୍ୱର୍ଣ୍ଣ




**ପାରାଦୀପ,୧୨।୧(ସମିସ):** ଡିଏଭି ଜାତୀୟ ସ୍ତରୀୟ କ୍ରୀଡ଼ା ଉତ୍ସବ ୨୦୨୩-୨୪ ସହିବାବାଦ, ଉତ୍ତର ପ୍ରଦେଶରେ ଜାନୁୟାରୀ ୪ ରୁ ୮ ତାରିଖ ଯାଏଁ ଅନୁଷ୍ଠିତ ହୋଇଥିଲା। ଡିଏଭି ପବ୍ଲିକ ସ୍କୁଲ କାଂଶବାହାଲର ଛାତ୍ର ରୋହିତ ବାକ୍ସଲା ୧୦୦ ମି. ଦୌଡରେ ସ୍ୱର୍ଣ୍ଣ ପଦକ ଓ ୨୦୦ ମି. ଦୌଡରେ କାଂସ୍ୟ ପଦକ ଲାଭ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତାର ଯାତ୍ରା ଡିଏଭି ପବ୍ଲିକ ସ୍କୁଲ ବନହରପାଲି, ଝାରସୁଗୁଡ଼ା ରେ ଆୟୋଜିତ ଓଡିଶା ଜୋନ ସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଉଭୟ ୧୦୦ ମି ଓ ୨୦୦ ମିରେ ସ୍ୱର୍ଣ୍ଣ ପଦକ ଜିଣିବାରୁ ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗୀତାରେ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ନେରୀ ଓସିଆ ଲାକ୍ରା ମଧ୍ୟ ୧୫୦୦ ମି. ଦୌଡରେ ରୌପ୍ୟ ପଦକ ହାସଲ କରି ଜାତୀୟ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେବାକୁ ସୁଯୋଗ ହାସଲ କରିଥିଲେ। ବିଦ୍ୟାଳୟର ଦୁଇଜଣ ଜାତୀୟ କ୍ରୀଡାରେ ଅଂଶଗ୍ରହଣ କରିବା ବିଦ୍ୟାଳୟ ପାଇଁ ନିଶ୍ଚିତ ରୂପେ ଗର୍ବର ବିଷୟ। ରୋହିତଙ୍କ ଏହି ସଫଳତା ସମଗ୍ର ବିଦ୍ୟାଳୟ ପାଇଁ ଗର୍ବ ଓ ଆନନ୍ଦର ବିଷୟ ପାଲଟିଛି। ତାଙ୍କର ଏହି ସଫଳତାର ଅନ୍ତରାଳରେ ନିହିତ ଅଛି ତାଙ୍କର କଠିନ ପରିଶ୍ରମ, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଥମ ବିଶ୍ୱାସଙ୍କ ଓ ଅଧ୍ୟକ୍ଷା ରୀନା ମହାପାତ୍ରଙ୍କ ନିରନ୍ତର ପ୍ରୋତ୍ସାହନ। ରୋହିତଙ୍କ ର ଏହି କୃତିତ୍ୱ ପାଇଁ ଏଲ ଆଣ୍ଡ ଟି କାଂଶବାହାଲ ୱର୍କସର ଚେୟାରମ୍ୟାନ ବି. ଏନ. ଅରୋରା, ଉପଦେଷ୍ଟା ରାଜୁ ରାୟ, ଡି ଏ ଭି ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ କେ. ସି. ଶତପଥୀ ଓ ଆଞ୍ଚଳିକ ଅଧିକାରୀ ଏଲ.ଏନ. ପ୍ରଧାନ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍ଯାପିତ



**ବାଲିକୁଦା,୧୨।୧(ସମିସ):** ଯୁବପିଢୀଙ୍କ ମଧ୍ୟରେ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି, ସାମାଜସେବା ପରି କାର୍ଯ୍ୟ ଭାବଧାରା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପ୍ରତି ରାଜ୍ୟର ସମସ୍ତ ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନମାନଙ୍କରେ ଚାଲୁ ରହିଛି।ଏହି ଅବସରରେ ବାଲିକୁଦା ବ୍ଲକ୍ ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ "ଯୁବ ଓଡିଶା ନବୀନ ଓଡିଶା" କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତିମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ସ୍କୁଲ ଆଣ୍ଡ ମାସ ଏଜୁକେସନର ଉପଦେଷ୍ଟା ଶିଶିର କୁମାର ପରିଜା, ସମ୍ମାନିତ ଅତିଥି ଭାବେ ବାଲିକୁଦା ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ,୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଜଟାଧାରୀ ଦାସ, ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୁବନାନନ୍ଦ ଦାସ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ତନୁଜାବାଳା କାନୁନଗୋ, ଯୁକ୍ତ୨ ନୋଡାଲ ଅଧିକାରୀ ସସ୍ମିତା ପରିଜା, ଯୁକ୍ତ ୩ ନୋଡାଲ ଅଧିକାରୀ ସୌଦାମିନୀ ଶତପଥୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ "ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ରାଜ୍ୟର ମହାବିଦ୍ୟାଳୟମାନଙ୍କରେ ଅଭୂତପୂର୍ବ ଉନ୍ନତି ଦିଗରେ ପଦକ୍ଷେପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି କହିଥିଲେ।ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ ପରେ କ୍ରୀଡା କାର୍ଯ୍ୟକ୍ରମ, ସାମାଜିକ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ତନୁଜାବାଳା କାନୁନଗୋ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ସୌକତ କୁମାର ସାହୁ,ମିର୍ଜା ସବ୍ରତ ବେଗ, ସୁମନ୍ତ ଭୂଷଣ ସେଠୀ ଅଧ୍ୟାପିକା ଅନିତା ପାତ୍ର, କଲ୍ୟାଣୀ ପଣ୍ଡା, ବନଜା ବାରିକ, ଆଲେଖିକା କାନୁନଗୋ ଓ ସମସ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତନ ସାଂସଦ ସୁଶ୍ରୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା, ୧୨।୧(ସମିସ):** ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ଦେବୀଙ୍କୁ କେନ୍ଦ୍ରାପଡାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କର ବୁଧବାର ଦିନ କଟକସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଥିଲା। ତାଙ୍କ ପୁତ୍ର ମନ୍ତ୍ରୀ ପ୍ରତାପ ଦେବ ଶେଷକୃତ୍ୟ ସମ୍ପନ୍ନ କରିବା ନିମନ୍ତେ ଆଜି ଆଳି ଆଣୁଥିବା ବେଳେ କେନ୍ଦ୍ରାପଡା ସହରସ୍ଥ ତିନିମୁହାଣି ଛକ ନିକଟରେ ହଜାର ହଜାର ବୁଦ୍ଧିଜୀବୀ ଓ ରାଜନେତା ଓ କର୍ମୀମାନେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେଡି ସଭାପତି ଉତ୍କଳ ପରିଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ରଞ୍ଜିତ ସାହୁ, ଛାତ୍ର ସଭାପତି ପ୍ରଦିପ ସାହୁ, ଦୁଷ୍ମନ୍ତ ମଲିକ, ବିଜୟ ପତି, ଯଯାତି ମହାନ୍ତି, ସେକ ଇନାୟତ, କାଳି ପ୍ରସାଦ ମିଶ୍ର ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଜଗତସିଂହପୁର,୧୨।୧(ସମିସ):** ତିର୍ତ୍ତୋଲ ବ୍ଲକ ଝଂକଡ଼ ଶାରଳା ପୀଠ ସ୍ଥିତ ସାରଦା ଏକାଡେମି କନକପୁର ହାଇସ୍କୁଲର ୧୯୮୦ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ନନ୍ଦନକାନନ ବଟାନିକାଲ ଗାର୍ଡେନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ ରଖିବା ସହ,ଶତାୟୁ ଏହି ଶିକ୍ଷାନୁଷ୍ଠାନର ଉନ୍ନତି ନେଇ ଏଥିରେ ଆଲୋଚନା ହୋଇଥିଲା। ଏଥିରେ ବସନ୍ତ କୁମାର ତାରେଣିଆ, ଶୁକ୍ଳାଂଶୁ ମହାନ୍ତି, ଅରୁଣ କୁମାର ବିଶ୍ୱାଳ, ଅଶୋକ ନାୟକ, ଇନମୁଲ ହକ କାଜି, ସୁକାନ୍ତ ଦାସ, ସୋମ୍ୟରଞ୍ଜନ ମହାନ୍ତି, ଦୁର୍ଗା ପ୍ରସାଦ ମହାନ୍ତି, ବିଜୟଲକ୍ଷ୍ମୀ ସାମନ୍ତରାୟ, ଜ୍ଞାନରଞ୍ଜନ ଦାସ, କଲ୍ୟାଣୀ ମହାନ୍ତି, ଗୋଲେଖି ଭୋଇ, ଗୌରୀ ଶଙ୍କର ମହାନ୍ତି, ଉମେଶ ବିଶ୍ୱାଳ, ଦେବେନ୍ଦ୍ର ସାହୁ, ରଞ୍ଜନ ସ୍ୱାଇଁ, ସାଧୁ ଚରଣ ବେହେରା, ଗୋପୀନାଥ ମିଶ୍ର, କୁମରବର ସେନାପତି, ତପନ ନାୟକ, ସରୋଜ ବେହେରାଙ୍କ ସମେତ ଅନ୍ୟାନ ସାଥୀମାନେ ମଧ୍ୟ ଯୋଗ ଦେଇଥିଲେ।

# ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଆଲୋଚନାଚକ୍ର




**ଡେରାବିଶ, ୧୨।୧(ସମିସ):** ଡେରାବିଶ ବ୍ଲକ ଗୋଲରାହାଟସ୍ଥିତ ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ସଂଜୟ କୁମାର ମିଶ୍ରଙ୍କ ପୌରହିତ୍ୟରେ "ସମ୍ପ୍ରତି ବିଶ୍ୱ ଅର୍ଥନୀତିରେ ଭାରତର ଭୂମିକା" ଶୀର୍ଷକ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ନୂଆଦିଲ୍ଲୀ ସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ସ୍କୁଲ ଅଫ୍ ସୋସିଆଲ୍ ସାଇନ୍ସର ପ୍ରଫେସର ତଥା ଚେୟାର ପର୍ସନ ଡକ୍ଟର ମିନକେତନ ବେହେରା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଦେଶ ଓ ବିଶ୍ୱର ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭାଗର ବହୁ ଛାତ୍ରଛାତ୍ରୀ ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପିକା ବନିତା ମହାରଣା ଅତିଥି ପରିଚୟ ଦେଇଥିବା ବେଳେ ଶେଷରେ ଅଧ୍ୟାପକ କିଶୋର କୁମାର ବେଦାନ୍ତ ଧନ୍ୟବାଦ ଦେଇଥିଲେ।

### ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ କର୍ମଶାଳା

# ୧୬ରୁ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ

**ମହାକାଳପଡ଼ା,୧୨।୧(ସମିସ):** ମହାକାଳପଡ଼ା ବ୍ଲକ ରାମନଗରସ୍ଥ ରାମଚଣ୍ଡୀ ବିଜୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେଉରା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ସାଧନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ଏବଂ ଆଦିକନ୍ଦ ସାହୁ ସରକାରଙ୍କ ପ୍ରଦତ୍ତ ଗାଇଡ଼ ଲାଇନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ମାତୃଭାଷା ଦିବସ ପାଳନ ପରିପ୍ରେକ୍ଷୀରେ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ କରାଇ ଆସନ୍ତା ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତି ବିଦ୍ୟାଳୟରେ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପରୀକ୍ଷା ପରିଚାଳନା, ମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମ, ଉତ୍କର୍ଷ ପ୍ଲସ, କ୍ଲବ ଓ ହାଉସ ସିଷ୍ଟମ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଫାଇଭ ଟି ରୂପାନ୍ତରଣ ହୋଇଥିବା ଏହି ବିଦ୍ୟାଳୟର ଇ-ଲାଇବ୍ରେରୀ, ଲାବୋରେଟରୀ,ଖେଳପଡିଆ, ସ୍ମାର୍ଟ ଶ୍ରେଣୀ ଗୃହଆଦି କୁ ୪୫ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ପରିଚାଳନା କରିଥିଲେ।

# ଡିସିବି ବ୍ୟାଙ୍କ ପାରାଦୀପ ଶାଖାର ପ୍ରଥମ ବାର୍ଷିକ ଉତ୍ସବ



**ପାରାଦୀପ, ୧୨।୧(ସମିସ):** ପିପିଏଲ ଛକ ରେ ଥିବା ଡିସିବି ବ୍ୟାଙ୍କ ପାରାଦୀପ ଶାଖା ର ପ୍ରଥମ ବାର୍ଷିକ ଉତ୍ସବ ଆଜି ମହାସମାରୋହରେ ପାଳିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପାରାଦୀପ ଆଦର୍ଶ ଥାନାର ଭାରାପ୍ରାପ୍ତ ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ଏବଂ ଷ୍ଟିଭେଡୋର୍ସ ଆସୋସେସନ ର ସମ୍ପାଦକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଯୋଗଦେଇଥିଲେ।ଡିସିବି ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପ୍ରିୟବ୍ରତ ସାମଲ ପୁଞ୍ଜି ନିବେଶକାରି ମାନଙ୍କୁ ସଂଚୟର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ।ପାରାଦୀପ ଶାଖା ର ଶାଖା ପରିଚାଳକ ଜୀବନ ଦାସ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ପାରାଦୀପ ରେ ଖୋଲିଥିବା ଏହି ବ୍ୟାଙ୍କ ଲୋକଙ୍କ ସେବାରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ବ୍ୟାଙ୍କର ବରିଷ୍ଠ ଅଧିକାରୀ ରାଜ ବଲ୍ଲଭ ଦାସ ଏବଂ ସମରେନ୍ଦ୍ର ବିଶ୍ୱାଳ ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନା କରିଥିଲେ। ଏଥିରେ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

**ଜଗତସିଂହପୁର,୧୨।୧ (ସମିସ)**

ଆସନ୍ତା ଜାନୁଆରୀ ୨୫ ତାରିଖରେ ଦେଶରେ ପାଳିତ ହେବ ୧୪ ତମ ଜାତୀୟ ଭୋଟର ଦିବସ। ଜଗତସିଂହପୁର ଜିଲ୍ଲାରେ ଏହି ଦିବସଟିକୁ ସଫଳ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ, ସଦ୍ଭାବନା ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜାତୀୟ ଭୋଟର ଦିବସ ପାଳନ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ୨୫ ତାରିଖ ସକାଳ ୭ଟା ସମୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଏକ ସଚେତନତା ଶୋଭାଯାତ୍ରା କଲେଜ ଛକଠାରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିବ ଯେଉଁଥିରେ ଅନ୍ୟୁନ ୨୦୦ ଜଣ ସ୍କୁଲ, କଲେଜ, ଏନ୍ ସି ସି, ସ୍କାଉଟ ଗାଇଡ୍, ଏନ୍ ୱାଇ କେ ସ୍ୱେଚ୍ଛାସେବୀ ଭାଗ ନେବେ ବୋଲି ଜିଲ୍ଲାପାଳ କହିଥିଲେ। ଏବର୍ଷର ଥିମ୍ ଅନୁଯାୟୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ରଙ୍ଗୋଲି ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୮ ତାରିଖ ସୁଦ୍ଧା କୃତୀ ପ୍ରତିଯୋଗୀଙ୍କ ନାମ ପଠାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଏସ୍ଭିଏମ୍ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଜିଲ୍ଲା ସ୍ତରରେ ଜାତୀୟ ଭୋଟର ଦିବସ ପାଳନ ପାଇଁ ଏକ ସାଧାରଣ ସଭାର ଆୟୋଜନ କରାଯିବ। ଯେଉଁଥିରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ଓ ସେହିପରି ବ୍ଲକ୍ସ୍ତରରେ ଏହି ଦିବସ ପାଳନ ଅବସରରେ ଶ୍ରେଷ୍ଠ ବିଏଲ୍ଓ ଏବଂ ବିଏଲ୍ଓ ସୁପରଭାଇଜରଙ୍କୁ ପୁରସ୍କୃତ କରାଯିବ। ଶ୍ରେଷ୍ଠ ବିବେଚିତ ହୋଇଥିବା ସେହି ବିଏଲ୍ଓ ଏବଂ ବିଏଲ୍ଓ ସୁପରଭାଇଜରଙ୍କୁ ଜିଲ୍ଲା ସ୍ତରରେ ମଧ୍ୟ ସମ୍ମାନିତ କରାଯିବ। ତେଣୁ ବିଭିନ୍ନ ବ୍ଲକ୍ ରୁ ସେମାନଙ୍କ ନାମ ସଂଗ୍ରହ କରି ଦେବା ପାଇଁ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ।



ସେହିପରି ଅନ୍ୟୁନ ୨୦ ଜଣ ନୂଆ ଭୋଟରଙ୍କ ନାମ ପଠାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ, ଯେଉଁ ମାନଙ୍କୁ ଜିଲ୍ଲା ସ୍ତରୀୟ ସଭାରେ ନୂତନ ଏପିକ କାର୍ଡ ସହ ପୁରସ୍କୃତ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଚୁନାଓ ପାଠଶାଳା, ଇଏଲ୍ ସି ସ୍କୁଲ ଓ ଇ ଏଲ୍ ସି କଲେଜ ମାନଙ୍କୁ ମଧ୍ୟ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଜିଲ୍ଲା ଓ ସମ୍ପୃକ୍ତ ବ୍ଲକ୍ ରେ ପୁରସ୍କୃତ କରାଯିବ। ସେଥିପାଇଁ ବ୍ଲକ ସ୍ତରରେ ସମ୍ପୃକ୍ତ ବି ଡି ଓ ଏବଂ ମ୍ୟୁନିସିପାଲିଟି ସ୍ତରରେ, ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟିଙ୍କୁ ଓ ଶ୍ରେଷ୍ଠ ଇଏଲ୍ ସି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଦାୟିତ୍ୱ ଦେଇଥିଲେ। ସମାନ ଭାବେ ବୁଥ୍ ଲେବେଲ ଅଫିସର ମାନେ ପ୍ରତ୍ୟେକ ପୋଲିଂ ଷ୍ଟେସନ୍ରେ ଏକ କାର୍ଯ୍ୟକ୍ରମର ଆୟୋଜନ କରି ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟର ମାନଙ୍କୁ ଏପିକ କାର୍ଡ ଦେଇ ସମ୍ବର୍ଦ୍ଧିତ କରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ନିର୍ବାଚନ ସମ୍ବନ୍ଧୀୟ ସୃଜନାତ୍ମକ ରଚନା ଓ ସୂଚନା ଲିଫ ଲେଟ୍ ପାମ୍ଫ୍ଲେଟ୍,ସୋସିଆଲ ମିଡିଆ ମାଧ୍ୟମରେ ବଣ୍ଟନ କରାଯିବ ଯାହା ଜନସାଧାରଣଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଇବ।ଜିଲ୍ଲା ଏବଂ ବ୍ଲକ ସ୍ତରରେ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଏକ ଶପଥପାଠ ଅନୁଷ୍ଠିତ ହେବ ଯେଉଁଥିରେ ଉପସ୍ଥିତ ସମସ୍ତ ଜନସାଧାରଣ ଭାଗନେବେ ବୋଲି କହିଥିଲେ ଜିଲ୍ଲାପାଳ ଶ୍ରୀମତୀ ପଟାୱରି।ବୁଥ୍ ସ୍ତରରେ ଏହି ଜାତୀୟ ଭୋଟର ଦିବସ ର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ବି ଏଲ୍ ଓ ମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ଜିଲ୍ଲାପାଳ ବ୍ଲକର ବିଡିଓ ଏବଂ ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟିଙ୍କୁ କହିଥିଲେ। ଜିଲ୍ଲାସ୍ତରୀୟ ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ସମସ୍ତ ବ୍ଲକ୍ର ବିଡିଓ, ସହକାରୀ ଜିଲ୍ଲାପାଳ ରାଜେଶ କୁମାର ସାହୁ, କଳ୍ପିତା ଜେନା ,ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାହାରିବ ସଚେତନତା ଶୋଭାଯାତ୍ରା

● ରିଫାଇନାରୀ ଫାଟକ ସମ୍ମୁଖରେ ଧାରଣା ୧୨ ଦିନରେ

# ସବୁ ଶିଳ୍ପ ଅଚଳ କରିଦେବାକୁ ଚେତାବନୀ

**ପାରାଦୀପ,୧୨।୧(ସମିସ):** ଆଇଓସିଏଲ ଭଳି କେନ୍ଦ୍ରୀୟ ଶିଳ୍ପସଂସ୍ଥାରେ ଶ୍ରମିକ ଧାରଣା ଏବେ ତୀବ୍ର ରୂପ ଧାରଣ କରିଛି। ଦୀର୍ଘ ୧୨ଦିନ ହେଲା ଆଇଓସିଏଲ ପାରାଦ୍ୱୀପ ହଳଦିଆ ପାଇପଲାଇନ ପ୍ରକଳ୍ପ ଏବଂ ରିଫାଇନେରୀ ଫାଟକ ସମ୍ମୁଖରେ ଦୁଇଟି ଫାଟକରେ ଧାରଣାରେ ବସିଛନ୍ତି ୧୨ଶହ ଶ୍ରମିକ। ୮ ଦଫା ଦାବି ନେଇ ପାଇପଲାଇନ ଡିଭିଜନ ଓ ତୈଳବିଶୋଧନଗାରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପକ୍ଷରୁ ଧାରଣାକୁ ଦୀର୍ଘ ୧୨ଦିନ ବିତିଯାଇଥିଲେ ମଧ୍ୟ ଆଲୋଚନା ପାଇଁ ଆସୁନାହାନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଯାହାକୁ ନେଇ ଶ୍ରମିକ ଅଶାନ୍ତି ତୀବ୍ର ହେଉଛି। ଯଦି କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ଦାବି ମାନିବାରେ ବିଳମ୍ବ କରନ୍ତି ତେବେ ସହବନ୍ଧିତ ଶ୍ରମିକ ସଂଗଠନ ତରଫରୁ ପାରାଦ୍ୱୀପର ବିଭିନ୍ନ ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଆନ୍ଦୋଳନରେ ସାମିଲ ହୋଇ ଅନିର୍ଦ୍ଦିଷ୍ଟ କଳାପାଇଁ ଆମରଣ ଅନଶନରେ ବସିବା ସହ ସବୁ ଶିଳ୍ପକୁ ଅଚଳ କରିଦେବାକୁ ଚେତାବନୀ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଦ୍ୱାରା ଶ୍ରମିକ ଓ ଆଇଓସିଏଲ କର୍ତ୍ତୃପକ୍ଷଙ୍କୁ ନେଇ ହୋଇଥିବା ଆଲୋଚନାରେ ବାହାରିଥିବା ନିଷ୍କର୍ଷକୁ ଆଇଓସିଏଲ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରିଦେଇଛନ୍ତି। ଯେପର୍ଯ୍ୟନ୍ତ ଆଇଓସିଏଲ ତରଫରୁ ଶ୍ରମିକ ମାନଙ୍କୁ ଲିଖିତ ପ୍ରତିଶୃତି ମିଳିନାହିଁ ଧାରଣାରେ ବସି ରହିବାକୁ ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଶୀତ କାକରକୁ ଖାତିର ନ କରି ଦୀର୍ଘ ୧୨ ଦିନ ଧରି ଧାରଣାରେ ବସିଥିବା ଶ୍ରମିକ ମାନେ ସେମାନଙ୍କ ଦୁଃଖ ଶୁଣିବାକୁ ରାଜ୍ୟ ସରକାର ଙ୍କୁ ଗୁହାରି କରିଛନ୍ତି।

# ବିଭିନ୍ନ ଦାବି ନେଇ ଏସ୍‌ଏଚ୍‌ଜି ମହିଳାଙ୍କ ବିକ୍ଷୋଭ

**ଏରସମା,୧୨।୧(ସମିସ):** ୫ଦଫା ଦାବି ନେଇ ବିଭିନ୍ନ ସ୍କୁଲର ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏରସମା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ



ଘେରାଉ କରିଥିବା ଦେଖିବାକୁ ମିଳିଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଂଘର ସଭାନେତ୍ରୀ ନିର୍ମଳା ଖଟୁଆ, ସଂପାଦିକା ମମତା ଦାସ ଓ ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ବିଇଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଧ୍ୟାହ୍ନ ଭୋଜନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ତଦାରଖ ଖର୍ଚ୍ଚ ପ୍ରଦାନ, ବଜାର ଦର ବୃଦ୍ଧି ହାରରେ ଖାଦ୍ୟ ମୂଲ୍ୟ ବୃଦ୍ଧି, ସ୍ଥାୟୀ ଜମା ବାବଦରେ ଚାଉଳ ରଖିବା କ୍ଷମତା ପ୍ରଦାନ ଓ ଏରସମା ବ୍ଲକର ସମସ୍ତ ବିଦ୍ୟାଳୟରେ ମହିଳା ଗ୍ରୁପ୍‌କୁ ମଧ୍ୟାହ୍ନଭୋଜନ ଦାୟିତ୍ୱ ପ୍ରଦାନ ଇତ୍ୟାଦି ୫ଦଫା ଦାବିପତ୍ର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

# ଚାରି ଭିନ୍ନକ୍ଷମଙ୍କୁ ଆଶାବାଡ଼ି ପ୍ରଦାନ



**ଜଗତସିଂହପୁର,୧୨।୧(ସମିସ):** ଜିଲ୍ଲାର ୪ ଜଣ ଭିନ୍ନକ୍ଷମ ଙ୍କୁ ପ୍ରଶାସନ ପକ୍ଷରୁ ଆଶାବାଡ଼ି ପ୍ରଦାନ କରିଛି। ସିଂହାରପୁର ପଞ୍ଚାୟତ ନବାପାଟଣା ଗ୍ରାମର ଚନ୍ଦନ କିଶୋର ମାଟି, ଏରଡଙ୍ଗା ପଞ୍ଚାୟତ ପାଣ୍ଡରା ଗ୍ରାମର ସୁଶାନ୍ତ ପରିଡ଼ା, ପାଟେଣୀ ଗାଁ ପଞ୍ଚାୟତ ବାଘ ସାହି ଗ୍ରାମର ନୟନା ବରାଳ, ପୌରାଞ୍ଚଳ ଖେରସ ଗ୍ରାମର ଜିତେନ୍ଦ୍ର ଓଝା ଜନ୍ମରୁ ପୋଲିଓ ଆକ୍ରାନ୍ତ। ସେମାନେ ଠିକ୍ ଭାବରେ ଚାଲି ପାରନ୍ତି ନାହିଁ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ୍ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ସଂଗଠନର ସଭାପତି ଜଗନ୍ନାଥ ବେହେରା ଓ ସରୋଜ ସ୍ୱାଇଁ ଉକ୍ତ ଭିନ୍ନକ୍ଷମମାନଙ୍କୁ ଆଶାବାଡ଼ି ଯୋଗାଇ ଦେବା ସହିତ ପୌରାଞ୍ଚଳ ଖେରସ ଗ୍ରାମର ଜିତେନ୍ଦ୍ର ଓଝାଙ୍କୁ ଏକ ଟ୍ରାଇ ସାଇକଲ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଇଭିଏମ୍, ଭିଭିପାଟ୍ ବ୍ୟବହାର ସଚେତନତା ବୈଠକ

# ନ୍ୟୁବ ଭୋଟର ଜାଣନ୍ତୁ ଇଭିଏମ୍‌ର ବ୍ୟବହାର

**ଜଗତସିଂହପୁର,୧୨।୧(ସମିସ)**



ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହଠାରେ ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଓ ଇଭିଏମ୍, ଭିଭିପାଟ୍‌ର ବ୍ୟବହାର ସଚେତନତା ନିମନ୍ତେ ରାଜନୈତିକ ଦଳ ଓ ସାମ୍ବାଦିକମାନଙ୍କ ସହ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଭିନ୍ନ ରାଜନୈତିକ ଦଳରୁ ଆସିଥିବା ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଜିଲ୍ଲାପାଳ କହିଲେ ଯେ, ୨୦୨୪ ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୭ ଡିସେମ୍ବର ୨୦୨୩ରେ ସରିଛି ଏବଂ ୫ ଜାନୁଆରୀ ୨୦୨୪ରେ ଏହାର ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ଆଜିଠାରୁ ଜିଲ୍ଲାରେ ଦୁଇଟି ଜାଗାରେ ଯଥା-ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏବଂ ପାରାଦୀପ ମୁନିସିପାଲିଟି କାର୍ଯ୍ୟାଳୟ ଠାରେ ଇଭିଏମ୍, ଭିଭିପାଟ ପ୍ରଦର୍ଶନ କେନ୍ଦ୍ର ଖୋଲାଯିବ, ଯାହା ପ୍ରତ୍ୟେକ କାର୍ଯ୍ୟ ଦିବସ ରେ ସକାଳ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଖୋଲା ରହିବ। ୧୮ ବର୍ଷରୁ ଉଦ୍ଧ୍ୱର୍ ସମସ୍ତ ପଞ୍ଜୀକୃତ ଭୋଟର ଏଠାକୁ ଆସି ଏହି ମେସିନକୁ ପ୍ରତ୍ୟକ୍ଷ ଭାବେ ବ୍ୟବହାର କରି ଏହାର ବ୍ୟବହାରିତା ସମ୍ବନ୍ଧରେ ଜାଣିପାରିବେ। ଏଥି ନିମନ୍ତେ ନିଜ ନିଜ ନିର୍ବାଚନ ମଣ୍ଡଳୀ ରେ ଭୋଟର ମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ଜନ ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ।

ଏହାପରେ ଜିଲ୍ଲା ର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ସାଧାରଣ ନିର୍ବାଚନ ୨୦୨୪ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ ର ଚୂଡ଼ାନ୍ତ ତାଲିକା ଅନୁସାରେ ଜଗତସିଂହପୁର ଜିଲ୍ଲାରେ ମୋଟ ୯,୪୮,୬୫୭ ଜଣ ପଞ୍ଜୀକୃତ ଭୋଟର ଅଛନ୍ତି ଯାହା ପୂର୍ବ ନିର୍ବାଚନ ୨୦୧୯ ରେ ୯,୦୪,୦୯୯ଜଣ ଥିଲେ। ସେମାନଙ୍କ ମଧ୍ୟରୁ ପୁରୁଷ ୪,୯୧,୭୫୭ ଜଣ ଓ ମହିଳା ୪,୫୬,୮୦୨ ଜଣ ଥିବାବେଳେ ଟ୍ରାନ୍ସ ଜେଣ୍ଡର ୯୮ ଜଣ ଅଛନ୍ତି। ସେହିପରି ୧୮ ବର୍ଷରୁ ଅଧିକ ନୂତନ ଭୋଟର ତାଲିକା ପଞ୍ଜୀକରଣ ଏବର୍ଷ ୨୨,୭୮୭ ରହିଛି ଯାହା ମୋଟ ଭୋଟରଙ୍କର ୨.୫୨%, ପୂର୍ବ ନିର୍ବାଚନରେ ଏହା ୧.୮୬% ରହିଥିଲା। ଏବର୍ଷ ମହିଳା ପୁରୁଷ ଭୋଟର ଅନୁପାତ ୯୨୯:୧୦୦୦ ରହିଛି ଯାହା ୨୦୧୯ ନିର୍ବାଚନରେ ୮୯୮:୧୦୦୦ ଥିଲା। ବରିଷ୍ଠ ନାଗରିକ (୮୦ ବର୍ଷ ଓ ତଦୁର୍ଦ୍ଧ)ମଧ୍ୟରେ ୨୭,୩୩୭, ଭିନ୍ନକ୍ଷମ ୨୨୫୧୩, ସର୍ଭିସ ଭୋଟର ୧୪୫୩ ରହିଛି। ଜିଲ୍ଲାରେ ମୋଟ ୧୦୪୭ଟି ପୋଲିଂ ବୁଥ୍ ରହିଥିବା ବେଳେ ୮୫୪ ଟି ପୋଲିଂ ଲୋକେସନ ରହିଛି। ସମସ୍ତ ଭୋଟର ମାନଙ୍କୁ ଇ ଭି ଏମ୍ ମେସିନ ସହିତ ପରିଚିତ କରାଇବାକୁ ଜିଲ୍ଲା ରେ ଦୁଇଟି ସ୍ଥାୟୀ ଇ ଭି ଏମ୍ ପ୍ରଦର୍ଶନ କେନ୍ଦ୍ର ଏବଂ ୧୦ଟି ଭ୍ରାମ୍ୟମାଣ ଇଭିଏମ୍ ପ୍ରଦର୍ଶନ ରଥ ପରିକ୍ରମା କରାଯିବ। ସ୍ଥାୟୀ କେନ୍ଦ୍ର ଦୁଇଟି ଆଜିଠାରୁ ଓ ଭ୍ରାମ୍ୟମାଣ ରଥ ଆସନ୍ତା ୧୬.୦୧.୨୪ ରିଖ ଠାରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଓ ମୁନିସିପାଲିଟିରେ ବୁଲିବ।

ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସହକାରୀ ଜିଲ୍ଲାପାଳ ରାଜେଶ କୁମାର ସାହୁ, କଳ୍ପିତା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ତଥା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ରଘୁନାଥପୁରରେ ଅର୍ପଣ ରଥର ପରିକ୍ରମା ଶେଷ



**ରଘୁନାଥପୁର,୧୨।୧(ସମିସ):** ରଘୁନାଥପୁର ବ୍ଲକର ଶେଷ ଦିନରେ ଶ୍ରୀ ଜଗନ୍ନାଥ ପରିକ୍ରମା ଅର୍ପଣ ରଥ ଗୁଆଳିପୁର ଓ ରଘୁନାଥପୁର ପଞ୍ଚାୟତ ପରିକ୍ରମା କରିବା ପରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଗୁଆଳିପୁର ପଞ୍ଚାୟତ ପରିକ୍ରମାବେଳେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗ ଦେଇଥିଲେ। ଏଥିରେ ରଘୁନାଥପୁର ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ୧ନଂ ଜୋନ୍‌ର ସଭ୍ୟା ରୀନାରାଣୀ ମଲ୍ଲିକ୍, ଜିଲ୍ଲାପରିଷଦ ୨ନଂ ଜୋନ୍‌ର ସଦସ୍ୟା ଇତିଶ୍ରୀ ମଲ୍ଲିକ୍, ସରପଞ୍ଚ ମନୋଜିନୀ ସାହୁ, ସମିତି ସଭ୍ୟ କମଳାକାନ୍ତ ପରିଡା, ନିହାରରଞ୍ଜନ ସାହୁ, ଅଭିମନ୍ୟୁ ସାହୁ, ପ୍ରକାଶ କୁମାର ମଲ୍ଲିକ୍, ରାଜେନ୍ଦ୍ର ସାହୁଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ସେହିପରି ରଘୁନାଥପୁର ପଞ୍ଚାୟତରେ ସରପଞ୍ଚ ସୁଚିତ୍ରା ଏହି ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏଥିରେ ବିଜେଡି ଯୁବନେତା ଚନ୍ଦ୍ରକାନ୍ତ ପଣ୍ଡା, ବ୍ଲକ୍ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ସେଫାଳି, ମଧୁସ୍ମିତା ସେଠୀ, ଅନୁପମା ସାହୁ, ରାଜକୁମାରୀ ମହାପାତ୍ର, ଛବିଳତା ସାହୁ, ବବିତା ଦାସ, ବିପିସି ସ୍ନେହପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଭିଓସି ବନ୍ଦର ପ୍ରାଧିକରଣ ଚାମ୍ପିଅନ୍

**ପାରାଦୀପ,୧୨।୧(ସମିସ):** ସର୍ବଭାରତୀୟ ବୃହତ ବନ୍ଦର ବାସ୍କେଟ୍ ବଲ ପ୍ରତିଯୋଗିତା-୨୦୨୩-୨୪ ଭିଓସି ପୋର୍ଟ ତୁଟିକୋରିନ ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୯ରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଭିଓସି ବନ୍ଦର ପ୍ରାଧିକରଣ ପ୍ରଥମ ହୋଇଥିବାବେଳେ



ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱିତୀୟ ଏବଂ ଚେନ୍ନାଇ ବନ୍ଦର ପ୍ରାଧିକରଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ତିନିଟି ମ୍ୟାଚ୍‌ରେ ଜିତି ଥିବାବେଳେ ଶେଷ ମ୍ୟାଚରେ ଭିଓସି ବନ୍ଦର ପ୍ରାଧିକରଣ ଠାରୁ ୬୯/୩୮ ପଏଣ୍ଟରେ ହାରିଯାଇଥିଲେ ବୋଲି ପାରାଦୀପ ବନ୍ଦର ପ୍ରାଧିକରଣ ମ୍ୟାନେଜର ବିପ୍ଳବ କୁମାର ଜେନା ଜଣାଇଛନ୍ତି।

# ବିପିନିବିହାରୀ ଉପ୍ରା ବିଦ୍ୟାଳୟର ହୀରକ ଜୟନ୍ତୀ

**ନାଉଗାଁ,୧୨।୧(ସମିସ):** ନାଉଗାଁ ବ୍ଲକର ସର୍ବପୁରାତନ ବିପିନି ବିହାରୀ ସରକାରୀ ଉ.ପ୍ରା ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦର ସଭାପତି ଜ୍ୟୋତିଷଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ଉଚ୍ଚ ଶିକ୍ଷା ବିଭାଗର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଶିଷ୍ଟ ଅତିଥିଭାବେ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ମାନିତ ଅତିଥିଭାବେ ଓଡିଶା ସାଧୁସନ୍ଥ ସମାଜର ସଭାପତି ଚିନ୍ତାମଣି ପର୍ବତ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଚୌଧୁରୀ ବିରଞ୍ଚି ନାରାୟଣ ଦାସ, ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଂସଦ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଅତିଥିମାନଙ୍କ ଦ୍ୱାରା 'ଚରୈବେତି' ପୁସ୍ତକର ଶୁଭ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଅଧ୍ୟାପକ ସରୋଜ କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୁକାନ୍ତ କୁମାର ଲେଙ୍କା, ଅକ୍ଷୟ କୁମାର ରାଉତ, ନିରଞ୍ଜନ ମହାନ୍ତି, ଭାଗିରଥି ବେହେରା, ଗୁରୁଚରଣ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସୁରକ୍ଷା ଦେଉଛି ବରିଷ୍ଠ ନାଗରିକ ଆଇନ

# ମା'କୁ ରଖିବାକୁ ରାଜିହେଲେ ଚାରି ପୁଅ

● ପୁଲିସ, ପ୍ରଶାସନ ଓ ସମାଜସେବୀ କଲେ ହସ୍ତକ୍ଷେପ

**ଜଗତସିଂହପୁର,୧୨।୧(ସମିସ):** ଜୀବନରେ ବାର୍ଦ୍ଧକ୍ୟ ଏକ ପ୍ରାକୃତିକ ଅବସ୍ଥା , ଯାହାକି ପ୍ରତିଟି ବ୍ୟକ୍ତିଙ୍କ ଜୀବନରେ ଆସିଥାଏ। ତେବେ ପରିଣତ ବୟସର ଏହି ଅସହାୟ ଅବସ୍ଥାରେ ବୃଦ୍ଧ ପିତାମାତାଙ୍କ ଯତ୍ନନେବା ବଦଳରେ ସେମାନଙ୍କୁ ହତାଦର କରି ଘରୁ ତଡିଦେବା ଓ ଖାଇବାକୁ ନଦେବା ଆଜିର ସଭ୍ୟ ଶିକ୍ଷିତ ସମାଜରେ ବହୁଳ ଭାବରେ ଘଟୁଥିବା ଦେଖିବାକୁ ମିଳୁଛି। ଚାରିପୁଅ, ବୋହୁ ଓ ନାତିନାତୁଣି ଥାଇ ମଧ ମାଗିଯାଚି ଖାଇ ବଂଚୁଥିବା ଜଣେ ବୃଦ୍ଧାଙ୍କ ଅଭିଯୋଗ ପାଇ ସବ୍ କଲେକ୍ଟର , ଜଗତସିଂହପୁର ଥାନା ଓ ସମାଜସେବୀ ସ୍ନେହମୟୀ ଆଚାର୍ଯଙ୍କ ହସ୍ତକ୍ଷେପ ପରେ ଉକ୍ତ ମହିଳାଙ୍କୁ ପୁଅବୋହୁ ମାକୁ ନିଜ ପାଖକୁ ନେବା ସହିତ ବାକି ଜୀବନ ଯତ୍ନନେବାକୁ ଲିଖିତ ଭାବରେ ପ୍ରତିଶୃତିଦେଇଛନ୍ତି।

ସୂଚନା ଅନୁସାରେ , ଜଗତସିଂହପୁରର ତାରାମ୍ଣି ଦାସ (୮୦) ଙ୍କ ଚାରି ପୁଅ , ଚାରି ବୋହୁ ସହିତ ନାତି ନାତୁଣିମାନେ ରହିଛନ୍ତି। ତେବେ ପରିବାରରେ ଦୀର୍ଘ ଦିନ ହେବ ଅଲୋଡା ହୋଇପଡିଥିବା ନିଜ ମା ପିଲାମାନଙ୍କ ଠାରୁ ସେବା ବଦଳରେ ଶାରରୀକ ଓ ମାନସିକ ନିର୍ଯ୍ୟାତନା ପାଇ ଆସୁଥିଲେ। ଏପରିକି ସେମାନେ ତାଙ୍କୁ ଗଣ୍ଡାଏ ଖାଇବାକୁ ନଦେବାରୁ ସେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଜଣେ ପୁଅ ପାଖରେ ମା ରହିବ ଓ ଅନ୍ୟ ତିନିପୁଅ ମିଶି ତାଙ୍କୁ ୧୫୦୦ଟଙ୍କା ଦେବେ ବୋଲି କଥା ହୋଇଥିଲା। ତେବେ କିଛିମାସ ଟଙ୍କା ଦେବାପରେ ଦୁଇପୁଅ ଆଉ ଟଙ୍କା ନଦେବାରୁ ବଡପୁଅ ପାଖରେ ରହୁଥିବା ମାକୁ ସେ ଆଉ ଖାଇବାକୁ ଦେବନି ବୋଲି ମନା କରିଥିଲା। ଯାହା ଫଳରେ ବେଶ କିଛିଦିନ ତାରମଣି ପର ଘରେ ମାଗି ଯାହା ମିଳୁଥିଲା ସେଥିରେ ବଂଚୁଥିଲେ। ଏସଂପର୍କରେ ସେ ଜଗତସିଂହପୁର ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ପକ୍ଷରୁ ପୁଅମାନଙ୍କୁ ଡକାଇ ଚେତାବନି ଦିଆଯିବା ସହିତ ବ୍ୟାସ ଫାଉଣ୍ଡେସନର ସଭାପତି ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଉକ୍ତ ସମସ୍ୟାର ସମାଧାନ କରିବାକୁ କହିଥିଲେ। ଶ୍ରୀମତୀ ଆଚାର୍ଯ୍ୟ ଅନ୍ୟ ଭଦ୍ର ବ୍ୟକ୍ତିଙ୍କ ସହିତ ସେମାନଙ୍କ ଘରକୁ ଯାଇ ଘଟଣାର ଆଶୁ ସମାଧାନ କରିଥିଲେ। ପାଳିକରି ପ୍ରତି ପୁଅ ମାକୁ ଦୁଇମାସ କରି ରଖିବାକୁ ରାଜିହେବା ସହିତ ଏସଂପର୍କରେ ଉପଜିଲ୍ଲାପାଳ ଓ ଥାନାକୁ ଲିଖିତ ଭବାରେ ଜଣାଇଥିବା ସୂଚନା ମିଳିଛି।

# ୫ ଦଫା ଦାବିରେ ତହସିଲ ଘେରିଲା ଭୋଇ ସମାଜ

**ବାଲିକୁଦା,୧୨।୧(ସମିସ)**



ବାଲିକୁଦା ତହସିଲ ଅନ୍ତର୍ଗତ ଉପକୂଳବର୍ତ୍ତି ଅଞ୍ଚଳରେ ପୁରୁଷାନୁକ୍ରମେ ଦୀର୍ଘ ବର୍ଷ ଧରି ଭୂମିହୀନ ମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ କ୍ରମେ ବସୁନ୍ଧରା ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ। ଯାହାକୁ ନେଇ ଅଲ୍ ଓଡିଶା ଭୋଇ ସମାଜ ପକ୍ଷରୁ ବାରମ୍ବାର ବିଭିନ୍ନ ମହଲରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କେବଳ ଉପକୂଳ ଅଞ୍ଚଳରେ ଥିବା ପ୍ରାୟ ୭୫ ପରିବାର ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କରିଥିଲେ ମଧ୍ୟ ଏହାର ତଦନ୍ତ ନକରି ପ୍ରଶାସନ ପକ୍ଷରୁ ବାରମ୍ବାର ଅଣଦେଖା କରାଯାଉଥିଲା। ଜମି ପଟ୍ଟା ନଥିବାରୁ ସେମାନେ ଆବାସ ଯୋଜନାରୁ ବଞ୍ଚିତ ସହ ପିଲା ଜାତିଗତ ପ୍ରମାଣପତ୍ର ପାଉ ନାହାନ୍ତି। ବାରମ୍ବାର ବସୁନ୍ଧରା ଯୋଜନାରେ ସାମିଲ ପାଇଁ ବାଲିକୁଦା ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ବେଳେ ଗୁହାରି କେହି ଶୁଣୁ ନାହାନ୍ତି। ଏଣୁ ପୂର୍ବରୁ ଭୋଇ ସମାଜ ପକ୍ଷରୁ ଦାବି ପତ୍ର ପ୍ରଦାନ କରିଥିଲେ ମଧ୍ୟ ବାଲିକୁଦା ତହସିଲ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରି ନଥିବା କାରଣରୁ ଆଜି ତହସିଲ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭୋଇ ସମାଜ ପକ୍ଷରୁ ଆବାହକ ଶଙ୍କର ଦାସଙ୍କ ନେତୃତ୍ୱରେ ଶତାଧିକ ଭୋଇ ପରିବାର ବାଲିକୁଦା ଗାନ୍ଧୀ ଉଦ୍ୟୋଗ ମନ୍ଦିରରେ ପୁଷ୍ପମାଲ୍ୟ ଅର୍ପଣ କରି ପଦଯାତ୍ରାରେ ତହସିଲ କାର୍ଯ୍ୟାଳୟ ପରିସରରେ ପହଞ୍ଚି ସେଠାରେ ନିଜର ଦାବି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅଲ ଓଡିଶା ଭୋଇ ସମାଜ ସଭାପତି ଲକ୍ଷ୍ମୀଧର ଭୋଇ, ଉପ ସଭାପତି ରତ୍ନାକର କାଣ୍ଡି, ରାଜ୍ୟ ସାଧାରଣ ସଭାପତି ନିରଞ୍ଜନ ରାଉତ, କୋଷାଧ୍ୟକ୍ଷ ଜଗବନ୍ଧୁ ଭୋଇ, ସୁବାଷ ନାୟକ, ବିଜୟ କୁମାର ଦାସ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲିକ, ନାଥ କାଣ୍ଡି ପ୍ରମୁଖ ଯୋଗ ଦେଇ ଭୂମିହୀନ ମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହ ଧନୁହରବେଲାରି ନିକଟରେ ଭୋଇ ସମାଜ ବ୍ୟବହାର କରୁଥିବା ଜୋରକୁ ବନ୍ଦ କରି ଅଙ୍ଗନବାଡି ଗୃହ ନିର୍ମାଣ କରିବା ପାଇଁ ରଖିଥିବା ପ୍ରସ୍ତାବକୁ କାଟ କରି ସେମାନଙ୍କ ପାଇଁ ପୁନଃ ପୋଖରୀ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଯଦି ପ୍ରଶାସନ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାନଯାଏ ତେବେ ଆସନ୍ତା ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଇ ପରିବାର ସମୂହ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ଏନେଇ ଏକ ଦାବିପତ୍ର ବାଲିକୁଦା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଅଧ୍ୟକ୍ଷ '୫-ଟି'ଙ୍କ ସମେତ ୮ ଟି ବିଭାଗକୁ ପ୍ରଦାନ କରିଥିଲେ। ଶେଷରେ ତହସିଲଦାର ଅଂଶୁମାନ ଶତପଥୀଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଆନ୍ଦୋଳକାରୀ ମାନଙ୍କ ସହ ଆଲୋଚନା କରି ଆସନ୍ତା ଏକ ସପ୍ତାହ ମଧ୍ୟରେ ଜଣେ କିମ୍ବା ଦୁଇ ଜଣ ପରିବାର କରିଥିବା ଆବେଦନର ତଦନ୍ତ କରି ସେମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ଜମି ପଟ୍ଟା ପ୍ରଦାନ ପାଇଁ ପ୍ରତିଶୃତି ପ୍ରଦାନ କରିବା ସହ ଧନୁହର ବେଲାରି ଗ୍ରାମରେ ଉକ୍ତ ସ୍ଥାନରେ ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ଏକ ପୋଖରୀ ଖୋଳି ଭୋଇ ସମାଜ ଲୋକଙ୍କ ବ୍ୟବହାର ପାଇଁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବସୁନ୍ଧରା ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିବା ୭୫ ପରିବାର ର ସଠିକ ତଦନ୍ତ କରାଯାଇ ଜମି ପଟ୍ଟା ପ୍ରଦାନ କରାଯିବ। ଫଳରେ ଆନ୍ଦୋଳନ ସ୍ଥଗିତ ରଖିବାକୁ ଭୋଇ ସମାଜ ନିଷ୍ପତ୍ତି ନେବା ସହ ପ୍ରତିଶ୍ରୁତି ପୂରଣ ନହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି କହିଥିଲେ।

DADLS-76
ଓଡ଼ିଶା ସରକାର

ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୪

ସକାଳ - ଘ.୮.୩୦ ମିନିଟ ସମୟରେ ଏଜି ଛକ,ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଜୟଦେବ ଭବନ — ଅପରାହ୍ନ - ୩ ଘଟିକା
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର
(ଆୟୋଜକ :ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)

ସନ୍ଧ୍ୟା ଘ. ୫.୩୦ ମିନିଟ — ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ, ବ୍ରହ୍ମପୁର,
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ, ଆସିକା,
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ସୋରଡ଼ା
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା, ଆସିକା
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା, କବିସୂର୍ଯ୍ୟନଗର
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ, ବ୍ରହ୍ମପୁର
ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ, ଛତ୍ରପୁର
ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ, ମାନ୍ୟବର ବିଧାୟିକା, ଖଲ୍ଲିକୋଟ
ଧନ୍ୟବାଦ ଅର୍ପଣ – ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ସମ୍ପାଦକ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଗଂଜାମର ପ୍ରସିଦ୍ଧ ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଏବଂ ସଖୀନାଟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0249/2324

